Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୧୨, ଭୁବନେଶ୍ୱର, ଫେବୃଆରୀ ୦୩-୦୯, ୨୦୨୫, Vol: 2, Issue: 12, Bhubaneswar, February 03-09, 2025 Pages- 8

# Animal cruelty: How Humane are humans and the legal impediments

Kusal Biswas

No matter how far back we go in time, cruelty towards animals has always walked alongside the mask of friendship. Domesticated animals have always been used for one profit or another. Their purpose has always been defined by those who owned them. As humans moved away from hunting as the primary means of sourcing food and money entered the world, there was a significant increase in the cruelty inflicted on animals through their confinement. Soon, they became part of our regular diet, and with the growing human population, there was an increasing demand for animals as a source of food. So much so that, to meet this demand, one crucial thing had to be set aside: empathy. As humans sought every possible way to increase production by confining live animals, employing influential marketing, and using tastier ingredients—while completely hiding the torture endured by billions of souls in hidden corners—consuming humans lost the notion of empathy towards these voiceless beings. Gradually, all of this led to an increase in global cruelty towards animals. Nevertheless, the laws of our nation, whether for domes-



tic or wildlife, have attempted to reduce the atrocities against the voiceless. Sadly, even though laws like the Prevention of Cruelty to Animals Act, 1960, and the Wildlife (Protection) Act, 1972, were enacted, their implementation came much later, after many empathetic individuals fought for them. The enforcement of such laws began to rise in the early 2000s, nearly 40 years later.

When our organization began working for animals suffering from cruelty in 2016, we faced significant setbacks from people and authorities, as even getting an FIR registered was a challenge and nearly impossible. After reaching out to multiple authorities, standing for days outside police stations, spreading awareness on social media, and enduring a continuous struggle, authorities finally acted and implemented laws that had been enacted nearly



60 years ago. Thus, fighting against animal cruelty is not an easy task, or have we lost the empathy that allows us to see them as more than mere objects?

Finally, the Bhartiya Nyaya Sanhita (BNS) replaced the Indian Penal Code (IPC), coming into effect on July 1, 2024. Previously, under section 11 of the PCA 1960, there were several subdivisions along with multiple other sections like 428/429/279 IPC included in cases of animal cruelty. Now, all of this has been consolidated under BNS Section 325 of the Bhartiya Nyaya Sanhita (BNS). This law addresses the crime of intentionally harming or killing animals, including poisoning, maiming, or rendering an animal useless. The punishment for this crime can be imprisonment for up to five years, a fine, or both. The law specifically targets intentional actions that cause harm or death



to animals. Cases under BNS Section 325 are triable by a First Class Magistrate, who will determine the severity of the punishment based on the evidence presented and the damage inflicted on the animal. Since the offense is cognizable, the authorities are empowered to take swift action against the accused.

**Those who engage in animal cruelty are three times more likely to commit other crimes**


A significant observation made by many after the BNS came into effect is that, during the existence of the IPC, section 377 (decriminalized in 2018), which criminalized bestiality and sexual offenses against animals, has been omitted in the BNS. Such acts were punishable by life imprisonment or up to 10 years in prison, plus a fine. The implementation of such laws is crucial as authorities often show disinterest when the case does not directly affect a human being.

Many violent criminals have a documented history of cruelty to animals. A study published in the Journal of Emotional Abuse found that 71% of women with companion animals who sought shelter from abuse confirmed that their partner had threatened, injured, or killed the animals. Meanwhile, a study published in the Forensic Research and Criminology International Journal warns, "Those who engage in animal cruelty are three times more likely to commit other crimes, including murder, rape, robbery, assault, harassment, threats, and drug/substance abuse. Major motivations for engaging in animal cruelty include anger, fun, control, fear, dislike, revenge, imitation, and



sexual pleasure." In India, Ameerul Islam, who was convicted of raping and murdering Kerala law student Jisha, had a history of raping and killing dogs and goats.

Therefore, public awareness programs play a crucial role in sensitizing and reviving empathy towards the voiceless. Training programs should be organized for everyone, both the general public and authorities, for the strict implementation of the laws. People often hesitate to report incidents involving animals because they fear that no necessary action will be taken. This issue can only be addressed when the government and authorities work together to raise public awareness regarding the implementation of the laws.



# ସଂ ପା ଦ କୀ ୟ

## କେବଳ ଓଡ଼ିଆ ଅସ୍ମିତା ଯଥେଷ୍ଟ କି ?

ଓଡ଼ିଆ ଭାଷାର ଉନ୍ନତି ପାଇଁ ଖାଲି ଅସ୍ମିତା ଅସ୍ମିତା କହିଲେ ହେବନାହିଁ ବରଂ ଭଲ ହିନ୍ଦୀ ଓ ଇଂରାଜି ଭାଷା ସହ ଆମ ଓଡ଼ିଆ ଭାଷା ଉପରେ ପ୍ରଚଣ୍ଡ ଦକ୍ଷତା ରଖିବାକୁ ହେବ। ପ୍ରକୃତରେ ତାହା'ହିଁ ହେବ ଓଡ଼ିଆ ଅସ୍ମିତା ଓ ମାତୃଭାଷା ପ୍ରତି ସମ୍ମାନ। ଗତ ନେତାଜୀ ଜୟନ୍ତୀ ଦିନ ପ୍ରାତଃ ଭ୍ରମଣ ସମୟରେ ୧୧୦ବର୍ଷ ତଳର କପିଳେଶ୍ୱର ପ୍ରାଥମିକ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଟି ଭାଙ୍ଗି ମାଟିରେ ମିଶିଯାଇଥିବାର ଦେଖିଲି। ଠିକ୍ ବର୍ଷକ ପୂର୍ବେ ସେହି ବାଟ ଦେଇ ଯିବାବେଳେ ବିଦ୍ୟାଳୟ ସ୍ଥାପନର ତାରିଖ ଏତେ ପୁରୁଣା ଦେଖି ଫଟୋଟିଏ ଉଠାଇ ଦେଇଥିଲି। ଆଉ ସେଦିନ ତାର ଭଙ୍ଗାରୁଜା ରୂପ ଦେଖି ମନ କାହିଁକି ଭାରି ଖରାପ ହୋଇଗଲା। ସରକାର ସେଠାରେ ଏବେ ଏକ କମ୍ୟୁନିଟି ସେଣ୍ଟର ଯୋଜନା କରୁଛନ୍ତି। କେତେ ଯେ ପ୍ରତିଭା ଏହି ଐତିହାସିକ ବିଦ୍ୟାଳୟଟି ସୃଷ୍ଟି କରିଥିବ ତାର ଲମ୍ବା ତାଲିକା ଥିବ। କିନ୍ତୁ ଆଜି ଉପସ୍ଥାନ ଅଭାବରୁ ସ୍କୁଲଟିକୁ ଭାଙ୍ଗି ମାଟିରେ ମିଶାଇ ଦିଆଗଲା। ପ୍ରତି ପଞ୍ଚାୟତରେ ଗୋଟିଏ ପୁରୁଣା ଓଡ଼ିଆ ସ୍କୁଲକୁ ଗୋଦାବରୀଶ ମିଶ୍ର ଉନ୍ନତ ବିଦ୍ୟାଳୟରେ ରୁପାନ୍ତରିକରଣ ଯୋଜନାର ବ୍ୟୟ ବରାଦ ହେଉଥିବା ବେଳେ ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଓଡ଼ିଆ ସ୍କୁଲରେ ପିଲା ହେଉନଥିବା କାରଣରୁ ସ୍କୁଲ ଭଙ୍ଗାଯାଉଛି ।ଆଜିକାଲି ଖାଲି ଗାଁ ନୁହେଁ ସହରର ସାହି ଏବଂ ବସ୍ତି ବାସିନ୍ଦାମାନେ ମଧ୍ୟ ନିଜ ପିଲାମାନଙ୍କୁ ବେସରକାରୀ ଇଂରାଜୀ ମାଧ୍ୟମ ସ୍କୁଲ ମାନଙ୍କରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଇବାକୁ ପଛଘୁଞ୍ଚା ଦେଉ ନାହାନ୍ତି। ତାର ଏକମାତ୍ର କାରଣ ହେଲା ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷା ଯଥା ହିନ୍ଦୀ ଓ ଇଂରାଜି ଉପରେ




ବେଶୀ ଗୁରୁତ୍ୱ ଦିଆଯାଉନାହିଁ । ବହୁ ବର୍ଷ ପୂର୍ବେ ମୋ ପୁଅକୁ ମୁଁ ଯେତେବେଳେ ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲରେ ନାଆଁ ଲେଖାଇବା କଥା ବୁଢ଼ୀ'ମାଆ ଶୁଣିଥିଲା ସେ ତା ମୁହଁକୁ ମୋଡି କହିଥିଲା 'ବୋପାଲୋ ପୁଅ ଆମର ଇଙ୍ଗ୍-ଲିସ୍ ମିଡିଅମ୍ ଇସ୍କୁଲ୍'ରେ ପଢ଼ିବ। ଆମ ପିଲେ ଗାଆଁ ଇସ୍କୁଲ୍'ରେ ପଢ଼ି ଆଉ ଇଙ୍ଗ୍-ଲିସ୍ କୋଉଠି ଜାଣିଛନ୍ତି। ଆରେ ଏଇ ଗାଆଁ ଇସ୍କୁଲ୍'ରେ ପଢ଼ି ଅମୁକ ଘର ପୁଅ ଆଇଏଏସ ଅଫିସର, ସମୁକ ଘର ନାତି ଡାକ୍ତର ହୋଇଛି। ଯା ପୁଅ ଇଙ୍ଗ୍-ଲିସ୍ ଇସ୍କୁଲ୍'ରେ ପଢିଲେ ଅଧିକ ତାଡି ପକାଇବ।' ଆମ ପୂର୍ବ ପୂର୍ବ ପିଢ଼ିର କଥା ଛାଡନ୍ତୁ, ଆମ ପିଢ଼ିର ଚିନ୍ତାଧାରା ମଧ୍ୟ ପାଖାପାଖି ସେଇଆ ଥିଲା। ନବେ ଦଶକରେ ମୁଁ ଯେତେବେଳେ ଏକ କମ୍ପ୍ୟୁଟର ପେପର୍ ତିଆରି କମ୍ପାନୀରେ କାମ କରୁଥାଏ ତାର ମାର୍କେଟିଙ୍ଗ୍ ନିମନ୍ତେ ଟେଣ୍ଡର ହେଉ କି ବିଲ୍ ପାରିତ କରାଇବା କାମ ହେଉ ଓଡ଼ିଶା ବାହାରକୁ ଯିବା ଓ ବିଶେଷ କରି ଅଣ-ଓଡ଼ିଆ ଅଫିସର ମାନଙ୍କ ସହ ଭାବର ଆଦାନପ୍ରଦାନ କରିବା ଜରୁରୀ ଥିଲା। ସ୍ନାତକ ଡିଗ୍ରୀ ଥାଇ ମଧ୍ୟ ଇଂରାଜୀରେ କହିବା ଦୁର୍ବଳ କାରଣରୁ କେତେ ଥର ନିଜକୁ ଅପଦସ୍ତ ମଣିଥିଲି। ସେହି ସମାନ କାରଣ ଆମ ପରବର୍ତ୍ତୀ ପିଢ଼ି ସମ୍ମୁଖୀନ ନହୁଅନ୍ତୁ ବୋଲି ମୁଁ ପୁଅକୁ ମୋର ଇଂରାଜୀ ମାଧ୍ୟମ ସ୍କୁଲ୍'ରେ ନାମ ଲେଖାଇବାର ନିଷ୍ପତି ନେଇଥିଲି। କିଏ ମାନନ୍ତୁ କିବା ନମାନନ୍ତୁ; ପ୍ରକାଶ କରନ୍ତୁ କି ନକରନ୍ତୁ ଅନେକ ଅଭିଭାବକ ସେହି ଗୋଟିଏ କାରଣ ପାଇଁ ନିଜ ନିଜ ପିଲାଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ନାମ ଲେଖାଇଥାନ୍ତି। ଆଜି ମଧ୍ୟ ସେହି ସମାନ ଧାରା ଚାଲିଛି। ପେଟ ପୋଷିବା ପାଇଁ ରୋଜଗାର କରିବା ନିହାତି ଆବଶ୍ୟକ ।ରୋଜଗାର କରିବା ପାଇଁ ବ୍ୟବସାୟ କର କିମ୍ବା ଚାକିରି; ଉଭୟ ପାଇଁ ଓଡ଼ିଆ ସମେତ ଇଂରାଜୀ ଓ ହିନ୍ଦୀ ଭାଷାରେ କଥୋପକଥନ କରିବା ନିତାନ୍ତ ଆବଶ୍ୟକ। କେବଳ ଓଡ଼ିଆ ଅସ୍ମିତା କଥା କହିଲେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମ୍ମାନର ନାରା ଦେଲେ ଓଡ଼ିଆ ଜାତି ଆଗକୁ ଯିବ ନାହିଁ। ଓଡ଼ିଆ ଭାଷା ସହିତ ଆମ ପରବର୍ତ୍ତୀ ପିଢ଼ି କିଭଳି ଶିକ୍ଷା ସମାପ୍ତ ପୂର୍ବରୁ ବହୁ ଭାଷା ଉପରେ ଦକ୍ଷତା ହାସଲ କରିବେ ସେଥିପ୍ରତି ସରକାର ମଧ୍ୟ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଚନ୍ଦ୍ରଭାଗା ଏବେ ବି ବଞ୍ଚିଛି



ଡକ୍ଟର ରାଜଲକ୍ଷ୍ମୀ ଜେନା
ଧର୍ମଶାସ୍ତ୍ର ଏବଂ ଜଗନ୍ନାଥ ସଂସ୍କୃତି ଗବେଷିକା

ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କଲେ ମଣିଷ ରୋଗ ମୁକ୍ତ ହୋଇ ପରମ ପୁଣ୍ୟ ପ୍ରାପ୍ତ ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି । ମାଘ ଶୁକ୍ଳ ସପ୍ତମୀ ତିଥିରେ କୋଣାର୍କ ନିକଟ ଚନ୍ଦ୍ରଭାଗା ଠାରେ ମହାସ୍ନାନ ବୁଡ ଅନୁଷ୍ଠିତ ହୁଏ । କେବଳ ଓଡ଼ିଶା ନୁହେଁ ଓଡ଼ିଶା ବାହାରୁ ସାରା ଭାରତ ବର୍ଷର ଅନେକ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ଏଠାରେ ରାତ୍ରି ଯାପନ କରି ମାଟି ହାଣ୍ଡିରେ ରୋଷେଇ କରି ଖାଇବା ପରେ ହାଣ୍ଡି କୁ ସେଠାରେ ବାଡେଇ ଭାଙ୍ଗିଥାନ୍ତି । ପାହାନ୍ତା ପ୍ରହରକୁ ପ୍ରଥମେ ଐଶାନେଶ୍ୱର, ତ୍ରିବେଣୀଶ୍ୱର ଏବଂ ଦକ୍ଷିଣେଶ୍ୱର ତିନି ମହାଦେବ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିସାରିବା ପରେ ସାଧୁସନ୍ଥ ମାନେ ବୁଡ଼ ପକାଇ ଥାନ୍ତି । ତା ପରେ ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିଥାନ୍ତି ।

ଇତିହାସ ରୁ ଜଣାଯାଏ, ବର୍ତ୍ତମାନର କୋଣାର୍କ ମନ୍ଦିର ଥିବା ସ୍ଥାନଟି ତିନୋଟି ନଦୀ ପ୍ରାଚୀ, ସରସ୍ୱତୀ ଏବଂ ସୂର୍ଯ୍ୟ ଗଙ୍ଗା (କୁଶଭଦ୍ରା ନଦୀର ଏକ ଧାର) ର ମିଳନରେ ହ୍ରଦାକୃତି ଏକ ବିରାଟ ଗଣ୍ଡ ଥିଲା । ସେଠାରୁ ତିନୋଟି ନଦୀ ଏକତ୍ର ହୋଇ ମହୋଦଧି ପର୍ଯ୍ୟନ୍ତ ପ୍ରାୟ ତିନି କିଲୋମିଟର ବାଟ ବୋହି ଯାଇଥିଲା। ଏହି ନଦୀର ନାମ ହିଁ ଥିଲା ଚନ୍ଦ୍ରଭାଗା । ଆଉ ସେହି ତିନୋଟି ନଦୀର ମିଳନ ସ୍ଥଳ ସେହି ହ୍ରଦାକୃତି ଗଣ୍ଡଟିର ନାମ ଥିଲା ଶ୍ୟମଳୀ ଗଣ୍ଡ । ପ୍ରାଚୀ ମାହାତ୍ମ୍ୟ ଏବଂ ପଦ୍ମ ପୁରାଣରେ ବର୍ଣ୍ଣିତ ଅଛି, ସ୍ୱୟଂ ମହାଦେବ ବ୍ରହ୍ମହତ୍ୟା ପାପରୁ ମୁକ୍ତି ଲାଗି ଏହି ଶ୍ୟାମଳୀ ଗଣ୍ଡ କୂଳରେ ଥିବା ଅର୍କବଟ ମୂଳରେ ତନ୍ତ୍ର ଭିତ୍ତିକ ଏକଲିଙ୍ଗ ଯୋନି କୁଣ୍ଡ ସ୍ଥାପନା କରି, ସେହି କୁଣ୍ଡରେ ଯଜ୍ଞାହୁତି ଦେଇ ବ୍ରହ୍ମ ହତ୍ୟା ପାପରୁ ମୁକ୍ତି ପାଇଥିଲେ ।

ପରବର୍ତ୍ତୀ ସମୟରେ ତ୍ରେତୟା ଯୁଗରେ କଶ୍ୟପ ଋଷି ଏବଂ ତଙ୍କ ସ୍ତ୍ରୀ ଅଦିତି ସେହି ଅର୍କବଟ ମୂଳରେ ଥିବା କୁଣ୍ଡରେ ଯଜ୍ଞ କରି ସୂର୍ଯ୍ୟ ଦେବତାଙ୍କୁ ନିଜର ପୁତ୍ର ରୂପେ ପାଇଥିଲେ । କଶ୍ୟପ ଋଷି ମକର ସଂକ୍ରାନ୍ତି ଦିନ ଠାରୁ ଯଜ୍ଞ ଆରମ୍ଭ କରିଥିଲେ ଏବଂ ମାଘ ଶୁକ୍ଳ ସପ୍ତମୀ ଦିନ ସୂର୍ଯ୍ୟ ଦେବତାଙ୍କୁ ପୁତ୍ର ରୂପେ ପାଇଥିଲେ । ଯାହାକି, କପିଳ ସଂହିତା ଏବଂ ଗ୍ରହରାଜ ସଂସ୍କାରରେ ବର୍ଣ୍ଣିତ ଅଛି । ଦାଣ୍ଡି ରାମାୟଣ ଅନୁସାରେ ଶତ୍ରୁଘ୍ନ ସେହି ଅର୍କବଟ ମୂଳରେ ଯଜ୍ଞ କରି ଦିବ୍ୟାସ୍ତ୍ର ଲାଭ କରି ଲବଣ ଦୈତ୍ୟକୁ ନିଧନ କରିଥିଲେ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ର ସାମ୍ବ ଶ୍ୟାମଳୀ ଗଣ୍ଡ କୂଳରେ ଥିବା ସେହି ଅର୍କବଟ ମୂଳରେ ଯଜ୍ଞ କରି ସୂର୍ଯ୍ୟ ଦେବତାଙ୍କୁ ପୂଜାରେ ସନ୍ତୁଷ୍ଟ କରି ଶାପଗ୍ରସ୍ତ କୁଷ୍ଟରୋଗ ମୁକ୍ତ ହୋଇଥିବାର ଶାସ୍ତ୍ର ବର୍ଣ୍ଣିତ ଅଛି । ଆଜି ମଧ୍ୟ କୋଣାର୍କ ମନ୍ଦିରର ଦକ୍ଷିଣ ପାଶ୍ୱର୍ରେ ଥିବା ଅବଧୂତ ମଠ ପରିସରରେ ଅର୍କବଟ ମୂଳରେ ସେହି ଯଜ୍ଞ କୁଣ୍ଡ ବିରାଜମାନ ଅଛି, ଯେଉଁଠି ଏବେ ବି ଅଗ୍ନି ପ୍ରଜ୍ୱଳିତ ରହିଛି ।

ଶାରଳା ମହାଭାରତ ଅନୁସାରେ ଉକ୍ତ ଅଞ୍ଚଳର ନାମ ଚନ୍ଦ୍ର ରାଜ୍ୟ ଥିଲା । ସେଠାରେ ଅର୍କଦୈତ୍ୟ ନାମକ ଜଣେ ରାଜା ରାଜୁତି କରୁଥିଲେ । ତାଙ୍କ ଭଉଣୀଙ୍କ ନାମ ଚନ୍ଦ୍ରଭାଗା। ଏକଦା ସୂର୍ଯ୍ୟ ଦେବତା ତାଙ୍କ ରୂପରେ ମୁଗ୍ଧ ହୋଇ ତାଙ୍କୁ ବିବାହ କରିବାକୁ ମନ ବଳାଇବାରୁ ତାଙ୍କ ପ୍ରସ୍ତାବରେ ରାଜି ନ ହୋଇ ଚନ୍ଦ୍ରଭାଗା ଉକ୍ତ ନଦୀକୁ ଡେଇଁ ପ୍ରାଣ ବିସର୍ଜନ କରିଥିଲେ । ସେଦିନ ବି ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି ଥିଲା । ସେହି ଦିନଠାରୁ ସେହି ନଦୀର ନାମ ଚନ୍ଦ୍ରଭାଗା ବୋଲି କଥିତ ଅଛି । ଚନ୍ଦ୍ରଭାଗାର ଅତୃପ୍ତ ଆତ୍ମାକୁ ପରବର୍ତ୍ତୀ କାଳରେ ରାମଚନ୍ଦ୍ର ବନବାସ ସମୟରେ ଚଣ୍ଡି ରୂପରେ ସ୍ଥାପନା କରିଥିଲେ । ଯିଏ କି ଆଜି ଚନ୍ଦ୍ରଭାଗାର ଅନତି ଦୂରରେ ରାମଚଣ୍ଡି ରୂପେ ପୂଜା ପାଉଛନ୍ତି ଏବଂ ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତଥିରେ ଚନ୍ଦ୍ରଭାଗା ଜଳରେ ସ୍ନାନ କରି ସୂର୍ଯ୍ୟ ଦେବତାଙ୍କୁ ଦର୍ଶନ କଲେ ମାନବ ସୂର୍ଯ୍ୟ ଦେବତାଙ୍କ ଅପାର କରୁଣା ଲାଭ କରିବେ ବୋଲି ସୂର୍ଯ୍ୟ ଦେବତା ଆଶୀର୍ବାଦ କରିଥିବାର କିମ୍ବଦନ୍ତି ରହିଅଛି ।


ଚନ୍ଦ୍ରଭାଗା ର ଶୁଷ୍କ ଧାର

ହେଲେ ଆଜି ଆଉ ସେ ଶ୍ୟାମଳୀ ଗଣ୍ଡ ନାହିଁ । ସେଠାରେ ବିରାଜମାନ ହେଉଛି ସୁଦୃଶ୍ୟ କୋଣାର୍କ ମନ୍ଦିର । ପ୍ରାଚୀ, ସରସ୍ୱତୀ ଏବଂ ସୂର୍ଯ୍ୟ ଗଙ୍ଗା ନଦୀ ନିଜର ସତ୍ତା ହରାଇ କେବଳ ବର୍ଷା ଜଳ ନିଷ୍କାସନ ପାଇଁ ଗୋଟିଏ ଗୋଟିଏ କେନାଲ ସଦୃଶ ସରୁ ଜଳଧାରା ପାଲଟି ଯାଇଛନ୍ତି । ଚନ୍ଦ୍ରଭାଗା ର ପ୍ରାୟ ୮୫ ପ୍ରତିଶତ ପୋତି ହୋଇ ଗଲାଣି । କିନ୍ତୁ ମହୋଦଧି ନିକଟରୁ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଏକ ଶୁଷ୍କ ନାଳ ଆକାର ଧାରଣ କରି ଚନ୍ଦ୍ରଭାଗା ଏବେ ବି ସ୍ମୃତିରେ ଜାଗ୍ରତ ଅଛି । କେବଳ ବର୍ଷାଦିନେ ଏହି ନାଳ ଦେଇ ଜଙ୍ଗଲରୁ ଜଳ ନିଷ୍କାସନ ହୋଇଥାଏ । ମାଘ ସପ୍ତମୀ ଆସିଲେ ପ୍ରଶାସନ ତରଫରୁ ଚନ୍ଦ୍ରଭାଗା ନଦୀ ମୁହାଣର ଶୁଷ୍କ ବାଲୁକା ଶଯ୍ୟାରେ ଛୋଟ ପୁଷ୍କରିଣୀ ଆକୃତିର ଏକ ଖାଲ ଖୋଳି ଦିଆଯାଏ ଏବଂ ଶ୍ରଦ୍ଧାଳୁ ମାନେ ସେଠାରେ ବୁଡ଼ ପକାଇଥାନ୍ତି । ମାତ୍ର ଏବେ କିଛି ବର୍ଷ ହେବ ପ୍ରଶାସନ ତରଫରୁ ସେହି ସ୍ଥାନରେ ଏକ ବିରାଟ ପୋଖରୀ ଖନନ କରାଯାଇ ପଥର ପାଚେରୀ ଏବଂ ପାହାଚ କରାଯାଇ ଶ୍ରଦ୍ଧାଳୁ ମାନେ ସହଜରେ ବୁଡ଼ ପକାଇବା ପାଇଁ ସୁବନ୍ଦୋବସ୍ତ କରାଯାଇଛି । ଚନ୍ଦ୍ରଭାଗା ନଦୀର ସେହି ଶୁଷ୍କ ଧାରଟି ସେହି ପୋଖରୀର ଉତ୍ତର ଦିଗରେ ଏବେ ବି ଅତୀତ ଇତିହାସର ସ୍ମୃତିକୁ ଜାବୁଡ଼ି ଧରି ଅଲୋଡା ହୋଇ ପଡ଼ି ରହିଛି ।


ପ୍ରଶାସନ ତରଫରୁ ଖୋଳା ଯାଇଥିବା ପୁଷ୍କରିଣୀ

## ଏକାଦଶୀ ଉପବାସ ମାହାତ୍ମ୍ୟ : ୧୪

# ନିର୍ଜଳା ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ଏକଦା ବ୍ୟାସ ମୁନିଙ୍କ ପାଖେ ଦ୍ୱିତୀୟ ପାଣ୍ଡବ ଭୀମସେନ ପହଞ୍ଚି ନିଜ ସଂଶୟ କହିଲେ ।ଭୀମସେନ ଅତ୍ୟନ୍ତ ଭୋଜନ ପ୍ରିୟ। କିନ୍ତୁ ତାଙ୍କ ଛଡ଼ା ଅନ୍ୟ ଚାରିଜଣ ପାଣ୍ଡବ, କୁନ୍ତୀ ମାତା ଏବଂ ଦ୍ରୌପଦୀ ପ୍ରତି ପନ୍ଦର ଦିନରେ ଉପବାସ କରିବାକୁ ପ୍ରେରିତ କରନ୍ତି। ବ୍ୟାସ ମୁନୀ, ଭୀମସେନଙ୍କ ସଂଶୟ ଉପଶମ ପାଇଁ ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ନିର୍ଜଳା ଏକାଦଶୀ ବିଷୟରେ କହିଲେ। ନିର୍ଜଳା ଏକାଦଶୀ ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ତିଥିରେ ପାଳିତ ହୁଏ। ମଧ୍ୟମ ପାଣ୍ଡବ ବ୍ୟାସ ମୁନୀଙ୍କୁ କହିଲେ କି ତାଙ୍କ ଜଠରାଗ୍ନି କେବଳ ଅନ୍ନ ଦ୍ୱାରା ଶାନ୍ତି ହୁଏ। ତେଣୁ ବର୍ଷ ସାରା ଏକାଦଶୀ ପାଳନ ନକରି, କିପରି ସହଜରେ ଏକାଦଶୀ ପାଳନ ବ୍ରତର ସୁଫଳ ପାଇବେ ତାର ଉପାୟ ଜଣାନ୍ତୁ। ବ୍ୟାସ ମୁନୀଙ୍କ କଥନ ଅନୁସାରେ, ନିର୍ଜଳା ଏକାଦଶୀ ବ୍ରତ ପାଳନ ଦ୍ୱାରା ସମସ୍ତ ୨୪ଏକାଦଶୀର ଫଳ ପ୍ରାପ୍ତି ହୋଇଥାଏ। ସେହି ଦିନ କେବଳ ପ୍ରଭୁଙ୍କ ଚରଣାମୃତ ଛଡା ଅନ୍ୟ ସମସ୍ତ ଖାଦ୍ୟ ବର୍ଜିତ। ଏହି ଏକାଦଶୀରେ ନିଜ ପିତୃ ପୁରୁଷଙ୍କ ଉଦ୍ଧାର ପାଇଁ ପଙ୍ଖା, ଛତା, କପଡା ଜୋତା ଓ ମାଟି ହାଣ୍ଡି ଇତ୍ୟାଦି ଦାନ କରା ଯାଇଥାଏ। ଏହି ଏକାଦଶୀ ଦିବସରେ ଓଁ ନମୋ ଭଗବତେ ବାସୁଦେବାୟ ହିଁ ମହାମନ୍ତ୍ର ଭାବରେ ଜପିବା ବିଧେୟ। ଏହି ଦିନ କୌଣସି ନାସ୍ତିକ ସଙ୍ଗେ ବାର୍ତ୍ତାଳାପ ବର୍ଜିତ ।ସମସ୍ତଙ୍କୁ ବାସୁଦେବ ଅବତାର ତୁଲ୍ୟ ଶ୍ରଦ୍ଧା, କାହା ପାଇଁ ହିଂସା ଭାବ ନ ପୋଷିବା, କ୍ରୋଧ ତ୍ୟାଗ କରିବା, ସତ୍ୟ ଭାଷଣ କରିବା ଏବଂ ସର୍ବଦା ପ୍ରଭୁଙ୍କ ମୋହନ ମୂର୍ତ୍ତିକୁ ଧ୍ୟାନ କରିବା ହିଁ ଶ୍ରେୟ ।ଦ୍ୱାଦଶୀ ଦିନ ପ୍ରଥମେ ବ୍ରାହ୍ମଣଙ୍କୁ ଭୋଜନ ଏବଂ ଦକ୍ଷିଣା ଦେଇ ତାଙ୍କୁ ପରିକ୍ରମା କଲା ପରେ ତାଙ୍କ ଠାରୁ ବର ଭିକ୍ଷା କରିବା ଉଚିତ୍। ଶ୍ରଦ୍ଧା ଏବଂ ଭକ୍ତିର ସହିତ ଏହି ଏକାଦଶୀ ପାଳନରେ ପ୍ରଭୁ କଲ୍ୟାଣ ପ୍ରାପ୍ତି ହୁଏ। ନିର୍ଜଳା ଏକାଦଶୀ ପାଳନରେ ଦିବ୍ୟ ଚକ୍ଷୁ ଖୋଲିଯାଏ। ଏହି ଏକାଦଶୀକୁ ଭୀମସେନୀ ଏକାଦଶୀ ଅଥବା ପାଣ୍ଡବ ଏକାଦଶୀ ମଧ୍ୟ କୁହାଯାଏ ।ଏହି ଏକାଦଶୀରେ ପ୍ରଭୁଙ୍କ ପାଖେ କଞ୍ଚା ଆମ୍ବର ଭୋଗ ପ୍ରସାଦ ଲଗାଯାଏ।

*ବଜ୍ରକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

# ବିକଶିତ ଗାଁ - ବିକଶିତ ଓଡ଼ିଶା, ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀଙ୍କ ସରକାରଙ୍କ ପକ୍ଷରୁ ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି । ଆସନ୍ତା ଫେବୃଆରି ମାସ ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି। ୨୦୨୪-୨୫ରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି । ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ।ଏଥିପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି ଅଧୀନରେ ଥିବା ବ୍ଲକ୍‌ରେ ବ୍ଲକ୍‌ରେ ଖର୍ଚ୍ଚ ହେବ । ରାଜ୍ୟର ମୋଟ ୩୧୪ ବ୍ଲକ୍ ଭିତରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି । ଏ ସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ । ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ ହେବ । ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ। ଗାଁରେ ବ୍ଲକ ଟପ୍ ରୋଡ୍, କଂକ୍ରିଟ୍ ରୋଡ୍ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ। ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ । ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନି। ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳ ଭିତରେ ରହୁଥିବା



ଲୋକଙ୍କ ପାଇଁ ମଧ୍ୟ ମେଟାଲିଂ ମାନର ରାସ୍ତା ନିର୍ମାଣ କରଯିବ । ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଙ୍ଗଲ ଅଞ୍ଚଳରେ ରାସ୍ତା ତିଆରି ଉପରେ କଟକଣା ଥିଲା । ଏଣିକି ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ। ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବିଧା ମିଳିବ। ପୂର୍ବାହ୍ନ ୯ଟାରୁ ରାତି ୯ଟା ଯିଏ ଏହା ଖୋଲା ରହିବ ।ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଳ୍ପ ଦେୟ ଦେଇ ଆରାମରେ ବସି ପଢ଼ିପାରିବେ । ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ୍, ମର୍କେଟ୍ ସେଡ୍ ତିଆରି ପାଇଁ ଟଙ୍କା ମିଳିବ। ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ ।ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯେଜନାରୁ ପାଣ୍ଠି ମିଳିବ। ବିଦ୍ୟାଳୟର ଆଧୁନିକୀକରଣ, ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ । ଲମ୍ଫ ଡ଼ିଆଁ ଓ ଉଚ୍ଚ ଡ଼ିଆଁ ପାଇଁ ବ୍ୟବସ୍ଥା ରହିବ। ସବୁଠୁ ବଡ଼ କଥା ହେଉଛି, ନୂଆ ସରକାର ପୁରୁଣା ପ୍ରକଳ୍ପର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାଣ୍ଠି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶା, ନବୀନ ଓଡ଼ିଶା ଯେଜନାରେ ଆରମ୍ଭ ହୋଇ ଅଟକି ଯାଇଥିବା ପ୍ରକଳ୍ପ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରୁ ଟଙ୍କା ଦେଇ ହେବ । ତେବେ ପୁରୁଣା ପ୍ରକଳ୍ପ କାମରେ ମୋଟ ପାଣ୍ଠିର ୨୦ ପ୍ରତିଶତରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ଯାଇ ଏହାକୁ ଆଗେଇବାକୁ ଅନୁମତି ମିଳିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ସବୁ ପଞ୍ଚାୟତ ଗ୍ରାମସଭା ଡାକି ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପାଇଁ ପ୍ରକଳ୍ପ ଚୟନ କରିବେ । ଗ୍ରାମସଭାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରାଯିବ। ଫେବୃଆରୀ ୧୪ ସୁଦ୍ଧା ଗ୍ରାମସଭାରେ ପ୍ରକଳ୍ପ ତାଲିକା ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପଞ୍ଚାୟତ ୧୫ ତାରିଖରେ ବ୍ଲକ ରେ ଏହି ପ୍ରକଳ୍ପ ତାଲିକା ଦାଖଲ କରିବେ । ୧୮ ତାରିଖ ସୁଦ୍ଧା ପଞ୍ଚାୟତ ସମିତିର ଟେକ୍ନିକାଲ କମିଟି ଏହାକୁ ଯଞ୍ଚ ସାରିବ । ୨୦ ତାରିଖ ସୁଦ୍ଧା ଏହାକୁ ଜିଲ୍ଲାପାଳଙ୍କ ପାଖକୁ ପଠଯିବ । ଜିଲ୍ଲାପାଳ ପ୍ରକଳ୍ପର ଅନୁମୋଦନ ଦେବା ପରେ କାମ ଆଗେଇବ।

## ଏନ୍‌ପିସିଆଇଜନିତ ସମସ୍ୟା ଥିଲେ ବ୍ୟାଙ୍କ ଯାଆନ୍ତୁ ମହିଳା

ଭୁବନେଶ୍ୱର, (ଭିଓଭି): ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାରେ ଏପର୍ଯ୍ୟନ୍ତ ସାମିଲ ହୋଇପାର ନଥିବା ମହିଳା ଆବେଦନକାରୀଙ୍କ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଅପଡେଟ୍ ଦେଇଛନ୍ତି । ଏନ୍‌ପିସିଆଇ ତ୍ରୁଟି ଯୋଗୁଁ ଯୋଜନାରେ ସାମିଲ ହୋଇପାରି ନଥିବା ମହିଳାମାନେ ବ୍ୟାଙ୍କକୁ ଯାଇ ସମସ୍ୟା ଦୂର କରନ୍ତୁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।



ସେ କହିଛନ୍ତି ଯେ, ଏନ୍‌ପିସିଆଇଜନିତ ସମସ୍ୟା ପାଇଁ ଏପର୍ଯ୍ୟନ୍ତ ୩,୩୧,୦୦୦ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇପାରି ନାହାନ୍ତି ।ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଆସନ୍ତାକାଲି ଓ ପଅରଦିନ (୨୦୨୫ ଜାନୁଆରି ୨୯ ଓ ୩୦)ରେ ଏନ୍‌ପିସିଆଇଜନିତ ତ୍ରୁଟି ଥିବା ମହିଳମାନେ ବ୍ୟାଙ୍କକୁ ଯାଆନ୍ତୁ। ଏହି ଦୁଇଦିନ ବ୍ୟାଙ୍କର କର୍ମଚାରୀମାନେ ସୁଭଦ୍ରା ପାଇଁ ଯାଇଥିବା ମହିଳାମାନଙ୍କର କାମକୁ ଗୁରୁତ୍ୱ ଦେବେ। ଯେଉଁମାନଙ୍କୁ ବ୍ୟାଙ୍କ ସମସ୍ୟା ପାଇଁ କଲ୍ ଆସିଛି ସେମାନେ କେବଳ ଯାଆନ୍ତୁ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବଡ଼ ଯୋଜନା 'ସୁଭଦ୍ରା' ଗତବର୍ଷ ସେପଟ୍ମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିଲା। ଏହି ଯୋଜନାରେ ସରକାର ହିତାଧିକାରୀମାନଙ୍କୁ ବାର୍ଷିକ ୧୦୦୦୦ ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ରାଶି ୨ଟି କିସ୍ତିରେ ଦେବେ। ପ୍ରଥମ କିସ୍ତିରେ ସରକାର ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାରେ ୮୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ଦେଇସାରିଛନ୍ତି। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତିର ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିସାରିଛନ୍ତି।

## ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏହାର ଭବିଷ୍ୟତ ଉଜ୍ଜଳ ଓ ସ୍ୱର୍ଣ୍ଣିମ : ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

ଭୁବନେଶ୍ୱର, (ଭିଓଭି): ୧୯୩୬ ମସିହାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ଓଡ଼ିଆ ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା। ୧୯୭୪ ମସିହାରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା। ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଆଗାମୀ ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜଳ ବୋଲି କହିଛନ୍ତି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ନିଚ୍ଛକ ପ୍ରତିଫଳନ। ଏହାର ଉନ୍ନତି ଓ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ଆମ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବ ବୋଲି ମୁଁ ଆଶା କରୁଛି ।ପ୍ରକାଶଯୋଗ୍ୟ ଯେ, ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ




ହେଉଥିବା ଉତ୍କର୍ଷ ଓଡ଼ିଶା- ମେକଇନ୍ ଓଡ଼ିଶା କନକ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ମିଶ୍ର, ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ ଡ଼େଭେଲପମେଣ୍ଟ କର୍ପୋରେସନର ମ୍ୟାନେଜିଙ୍ଗ ଡ଼ାଇରେକ୍ଟର ଶ୍ରୀ ସମର୍ଥ ବର୍ମା ଉପସ୍ଥିତ ଥିଲେ। ଅଧିବେଶନରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଏକ ଆଲୋଚନା ଚକ୍ରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁରତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

## ୧୫ ଫେବୃଆରି ପର୍ଯ୍ୟନ୍ତ ବଢ଼ିଲା ରାସନ କାର୍ଡ ଇ-କେୱାଇସି ସମୟ ସୀମା: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଅପଡେଟ୍ ୧୫ ଫେବୃଆରି ପର୍ଯ୍ୟନ୍ତ ବଢ଼ିଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ପୂର୍ବରୁ ଜାନୁଆରି ୩୧ ସୁଦ୍ଧା ଇ-କେୱାଇସି ଅପଡେଟ୍ ଲାଗି ଶେଷ ତାରିଖ ଭାବେ ସରକାର ଦିନ ଧାର୍ଯ୍ୟ କରିଥିଲେ। ଯଦି ସମୟ ସୁଦ୍ଧା ଏହା ଏହା ଶେଷ ନହୁଏ ତେବେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟର ୩୯ ଲକ୍ଷ ହିତାଧିକାରୀ ଇ-କେୱାଇସି ଅପ୍‌ଡେଟ୍ କରି ନାହାନ୍ତି। ୨୯ ତାରିଖ ସୁଦ୍ଧା ୨ କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ କରିଛନ୍ତି ଇ-କେୱାଇସି ଅପ୍ ?ଡେଟ୍। ରାଜ୍ୟରେ ରହୁଥିବା ୨ କୋଟି ୯୫ ଲକ୍ଷ ୬୪ ହଜାର ୯୫୪



ଜଣ ଇ-କେୱାଇସି ଅପ୍‌ଡେଟ୍ କରିଛନ୍ତି। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୨ ହଜାର ୩୭୮ ଜଣ ଇ-କେୱାଇସି ଅପ୍‌ଡେଟ୍ କରିଛନ୍ତି। ଜାନୁଆରି ୨୯ ତାରିଖ ସୁଦ୍ଧା ମୋଟ୍ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେୱାଇସି ଅପ୍‌ଡେଟ୍ କରିନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନାହାନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

## ମଧୁସୂଦନ ପାଢ଼ୀଙ୍କୁ ମୁଖ୍ୟ ନିର୍ବାଚନ କମିସନର ଦାୟିତ୍ୱ

ଭୁବନେଶ୍ୱର: ରାଜ୍ୟ ନିର୍ବାଚନ କମିସନର ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମଧୁସୂଦନ ପାଢୀଙ୍କୁ ରାଜ୍ୟ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ୨୦୨୭ରେ ହେବାକୁଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ସରକାର ରାଜ୍ୟର ନୂଆ ନିର୍ବାଚନ କମିସନର ଭାବେ ନିଯୁକ୍ତ କରିଛନ୍ତି । ମଧୁସୂଦନ ପାଢ଼ୀ ହେଉଛନ୍ତି ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର। ଦୀର୍ଘବର୍ଷର କ୍ୟାରିୟର ମଧ୍ୟରେ ମଧୁସୂଦନ ପାଦୀ ବିଭିନ୍ନ ପଦବୀରେ ଓଡ଼ିଶା ସରକାରଙ୍କ ପାଇଁ କାର୍ଯ୍ୟ କରିଥିଲେ। ସେ ପରିବହନ କମିସନର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ସଚିବ ଭାବରେ ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଥିଲେ। ସେ ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ, ଖାଦ୍ୟ ଯୋଗାଣ ବିଭାଗର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ।



VOICE OF VICTIMS
Empowering Hope, Dignity & Respect
ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ୍ ର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜୀବନ ସଦସ୍ୟତା ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଲିଖିତ ଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରଦତ୍ତ ଆକାଉଣ୍ଟରେ ଦେୟ ପଇଠ କରିବାକୁ ଅନୁରୋଧ।
Voice of Victims Trust
Phone No:6371417361
Email:voiceofvictimsnews@gmail.com
Current Account No: 40187930783
SBI Old Town Branch, Bhubaneswar
IFSC: SBIN0003108

# Unethical Conduct by the Secretary, People For Animal, Bhubaneswar

Bhubaneswar (VOV) - A major controversy has arisen concerning People For Animals, PFA Bhubaneswar, revealing unethical conduct by the outsourcing firm asthe secretary of the agency, Mr. Jiban Ballav Das, faces allegations of forgery, extortion and financial misconduct.
Reports indicate thatSri Jibana Balava Das is involved in misappropriation of Government money by deducting 10% from the salary of each and every employee every month till November 2024 and the proof is that salary is given to the bank account of the employees.This situation has sparked significant criticism and calls for accountability and justice. The problem was uncovered when the Director of the Animal Husbandry and Veterinary Services was made aware of the unauthorized deductions. After intervention of Director AH &VS, regular monthly extortion ceased in December 2024. The affected employees have yet to receive reimbursement for the already



deducted amounts.
Serious allegations have also been made against the Secretary PFA for participating in dishonest practices to obtain the government outsourcing contract.Reports suggest that Mr Das forged the registration renewal document from the Animal Welfare Board of India (AWBI) to secure the outsourcing contract of CDVO, Khordha. This brings into question the thoroughness of the procedures involved in the finalization of such agreements. Employees and activists have expressed their apprehensions, demanding a comprehensive investigation into the issue. One animal helpline staff stated, "This situation goes beyond mere financial misconduct; it represents a violation of trustl. Those accountable must be prosecuted."The unlawful deductions and alleged forgery have tarnished the credibility of FARD Department. AHL employees are urging the authorities to take swift action to ensure that such incidents are not repeated and that those affected receive justice. The Director of AHVS has yet to issue a formal statement regarding the alleged forgery and the recovery of the deducted funds. Meanwhile, pressure is mounting on the government to conduct a transparent investigation and penalize those involved in these unethical practices.

# ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ




କଟକ(ଭିଓଭି): ବହୁ ପୁରାତନ ତଥା ରାଜ୍ୟର ସର୍ବପ୍ରଥମ ମଡେଲ୍ ସ୍କୁଲ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ବାର୍ଷିକ ବନ୍ଧୁମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ନିଶିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଛି। ଏହି ଅବସରରେ କଟକ ମାଟିରେ ଜନ୍ମିତ ଦେଶର ଗୌରବ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଅନ୍ୟତମ ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କର ଜନ୍ମ ଜୟନ୍ତୀ ମଧ୍ୟ ପାଳନ କରାଯାଇଥିଲା। ସ୍କୁଲର ପୂର୍ବତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ତିନିଶହରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସମ୍ପାଦକ ସୁବ୍ରତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉପ ସଭାପତି କବି ଡାକ୍ତର ଅମିୟ ରଞ୍ଜନ ମହାପାତ୍ର, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ଶତପଥୀ, ସାଂସ୍କୃତିକ ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ, ସ୍ୱାଗତିକା ବେହେରା ଓ ପ୍ରିୟଙ୍କା ଶୁକ୍ଳା ପ୍ରମୁଖ ପରିଚାଳନା କରିଥିଲେ। ଏହା ପରେ ପୁରାତନ ଛାତ୍ର ବିଶିଷ୍ଟ ସଙ୍ଗୀତଜ୍ଞ ବିକାଶ ଦାସଙ୍କ ନେତୃତ୍ୱରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ରୂପରେଖ ଦିଆଯାଇଥିଲା। ଏଥିରେ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଇଲୁ ବାନାର୍ଜୀ, ସରିତା ଆଚାର୍ଯ୍ୟ, ରଜତ ହୋତା, ବିଭାସ ମହାନ୍ତି, ଡାକ୍ତର ସରୋଜ କୁମାର ତ୍ରିପାଠୀ, ଅର୍ପିତା ସ୍ୱାଇଁ, ଶୁଭସନ୍ଧ୍ୟା, ଗୀତାଞ୍ଜଳି, ଦିବ୍ୟ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସମାବେଶରେ ସମସ୍ତ ସଦସ୍ୟଙ୍କ ଅନ୍ତରରେ ଏକ ଭାବାବେଗ ଏବଂ ଆତ୍ମିୟତା ବେଶ ପରିଲକ୍ଷିତ ହୋଇଥିଲା। ବିଗତ ବର୍ଷ ମାନଙ୍କର ସୁଖଦ ଅନୁଭୁତିକୁ ସମସ୍ତ ସଦସ୍ୟ ରୋମନ୍ଥନ କରିଥିଲେ। ଦେଶବ୍ୟାପୀ ତଥା ବିଦେଶରେ ପ୍ରତିଷ୍ଠାଲାଭ କରିଥିବା ବହୁତ ବନ୍ଧୁବାନ୍ଧବୀ ମାନେ ଏଥିରେ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ପରେ ଏକ ଆନ୍ତରିକ ପରିବେଶରେ ସମସ୍ତେ ପରସ୍ପରକୁ ଭେଟିଥିଲେ। ଇତି ମଧ୍ୟରେ ପରଲୋକ ଗମନ କରିଥିବା ଛାତ୍ର ସଂସଦର ପୁର୍ବତନ ପ୍ରମୁଖ କର୍ମକର୍ତ୍ତା ତଥା ସ୍ୱର୍ଗତ ଦେବେନ୍ଦ୍ର ନାଥ ଖୁଣ୍ଟିଆଙ୍କ ଏକାଦଶାହ ତଥା ଅନ୍ୟ ଦିବଙ୍ଗତମାନଙ୍କର ଶ୍ରଦ୍ଧାଞ୍ଜଳି ପାଇଁ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ବେଶ୍ ମନୋମୁଗ୍ଧକର ହୋଇଥିଲା। ସମସ୍ତେ ଆତ୍ମହରା ହୋଇ ଏଥିରେ ମଜ୍ଜି ନିଜକୁ ହଜାଇ ଦେଇଥିଲେ। ଦେଶ ତଥା ବିଶ୍ୱବ୍ୟାପୀ ସମସ୍ତ କ୍ଷେତ୍ରରେ ଅଭୁତପୂର୍ବ ପାରଦର୍ଶିତାର ସହ ଆମ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ଅସାଧ୍ୟକୁ ସାଧ୍ୟ କରି ଦେଖେଇଛନ୍ତି ଆମ ବୋର୍ଡ ହାଇସ୍କୁଲର ପୁର୍ବ ଛାତ୍ର ଛାତ୍ରୀ। ପରିଶେଷରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ସଂଗୀତର ତାଳେ ତାଳେ ସମବେତ ନୃତ୍ୟ କରିଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ସରୋଜ ଦାସ, ସରୋଜ ଜେନା, ରବି ନାରାୟଣ, ଶତପଥୀ, ଡଃ ଚିତ୍ତ ରଂଜନ ମିଶ୍ର, ସଂତୃପ୍ତ ମିଶ୍ର, ମୋତି ପ୍ରକାଶ ରଥ, ପୂର୍ବତନ ସଭାପତି ରଂଜିତାଭ ମହାନ୍ତି, ସରୋଜ କୁମାର ନାୟକ, ସୁଦେଷ୍ଣା ମିଶ୍ର, ଆରତୀ ପଣ୍ଡା, ସଂଜୀବ ଜେନା, ବିକାଶ ଚନ୍ଦ୍ର ବେହେରା, ସଂଜୟ ସିଂହ, କାଶିନାଥ ଶତପଥୀ, ଅଭୟ ରାଉତ, କାମାକ୍ଷା ପ୍ରସାଦ ମିଶ୍ର, ସୌଭାଗ୍ୟ ରଂଜନ ଖୁଣ୍ଟିଆ, କଲ୍ୟାଣ କୁମାର ଶତପଥୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ମନୋରଂଜନ ମିଶ୍ର, ଚନ୍ଦ୍ରଶେଖର ନାଟିଆ, ଅଶୋକ କୁମାର ସ୍ୱାଇଁ, ପ୍ରବାଶ ସ୍ୱାଇଁ, ଟୋନି ମହାପାତ୍ର, ସନ୍ଦୀପ ପାଣି, ଲିଲିବାଳା ଶତପଥୀ, ଅନିଶା ପଣ୍ଡା, ରଶ୍ମିଧର ଦାସ, କାଜଲ ମହାପାତ୍ର, ଦେବଦୀପ୍ତା ସ୍ୱାଇଁ, ଦୀପ୍ତିରେଖା ବେହେରା, ସ୍ୱାଗତୀକା ଶତପଥୀ, ସାହାନାୱାଜ ଖାନ୍, ଶିବ କୁମାର ସାହୁ, ଦୀପଙ୍କର ମହାନ୍ତି, ରାନୁ ଦାସଙ୍କ ସମେତ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ଜନ୍ମମାଟି ରେ ସମ୍ବର୍ଦ୍ଧିତ ହେଲେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର




ସତ୍ୟବାଦୀ (ଭିଓଭି) : ସତ୍ୟବାଦୀ ମାଟିର ସୁସନ୍ତାନ ଡାକ୍ତର ଅଶୋକ କୁମାର ମହାପାତ୍ର ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି, ଯାହାକି ସତ୍ୟବାଦୀ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ କ୍ଷ ଏହି ଉପଲବ୍ଧି ପାଇଁ ଜନ୍ମ ମାଟିରେ ଡ଼ାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ସତ୍ୟବାଦୀ ର ପ୍ରମୁଖ ସାମାଜିକ ଅନୁଷ୍ଠାନ ସତ୍ୟବାଦୀ ସ୍ୱାଭିମାନ ମଞ୍ଚ, ଭାରତ ବିକାଶ ପରିଷଦ ଓ କ୍ଲବ ସତ୍ୟବାଦୀ ତଥା ସାମ୍ବାଦିକ ସଂଘ ପ୍ରଭୃତିଙ୍କ ତରଫରୁ ୨୭-୧-୨୫ ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ଠାରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଦ୍ୟାଧରପୁର ପ୍ରିମିଅର୍ ଲିଗ୍: ସରସ୍ୱତୀପୁର ବିଜେତା


ସତ୍ୟବାଦୀ (ଭିଓଭି): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଧରପୁର ପ୍ରିମିଅର ଲିଗ୍ କ୍ରିକେଟ




ପ୍ରତିଯୋଗିତାର ଉଦଯାପନୀ ଦିବସରେ ସତ୍ୟବାଦୀ ର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାୟ ଙ୍କ ସହିତ ମୁଖ୍ୟ ଅତିଥି ରୁପେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ, ନିମାପଡାର ଯୁବ ସମାଜସେବୀ ଶ୍ରୀଯୁକ୍ତ ସୁବ୍ରତ ଛାଟୋଇ, ପୁରୀ ଜିଲ୍ଲା ବିଜେଡ଼ି ସଭାପତି ତଥା ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିବାକର ପାତ୍ର ତଥା ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନୀଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ବିଜୟ ରାଶି ପ୍ରଦାନ କରିଥିଲେ। ପ୍ରାୟ ପନ୍ଦର ହଜାର ଦର୍ଶକଙ୍କ ଉପସ୍ଥିତିରେ ବଳଙ୍ଗା ସରସ୍ୱତୀ ପୁର କ୍ରିକେଟ କ୍ଲବ ଓ ବ୍ରହ୍ମଗିରୀ ଆମ୍ବ ପଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ମ୍ୟାଚରେ ସରସ୍ୱତୀ ପୁର ବିଜୟୀ ହୋଇ ନଗଦ ୪୦୦୦୦ ଟଙ୍କା ପୁରସ୍କାର ରାଶି ସହ ବିଜେତା ଟ୍ରଫି ମୁଖ୍ୟ ଅତିଥି ସାଂସଦ ଶ୍ରୀମତୀ ସୁଲତା ଦେଓଙ୍କ ଠାରୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀ ଦୁଃଶାସନ ପ୍ରଧାନ ଓ ସମିତି ସଭ୍ୟ ଶ୍ରୀ ପ୍ରଫୁଲ୍ଲ ପ୍ରଧାନ ତଥା ବିଦ୍ୟାଧର ପୁର ଗ୍ରାମର ଯୁବକସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

# ମରା ନଡ଼ିଆ ତେଲ ଦେଇଛି ପରିଚୟ

ସତ୍ୟବାଦୀ (ଦୁର୍ଗେଶ ପ୍ରସାଦ ମିଶ୍ର) : ମହିଳା ସଶକ୍ତିକରଣର ଏକ ନିଛକ ନିଦର୍ଶନ ଶ୍ରୀରାଧା ମରା ନଡ଼ିଆ ତେଲ କ୍ଲଷ୍ଟର। ସତ୍ୟବାଦୀ ବ୍ଲକ୍ ପରଜାପଡା ପଞ୍ଚାୟତର ପାରେକେଣା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଏହି ଅନୁଷ୍ଠାନଟି ଆଜି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ଆର୍ଥିକ ଦିଗକୁ ମଧ ସମୃଦ୍ଧ କରିପାରିଛି। ପ୍ରାୟ ଚାଳିଶ ଜଣ ମହିଳାଙ୍କୁ ନେଇ ଗଠିତ ଏହି ଉତ୍ପାଦିକା ଗୋଷ୍ଠୀ ସାରା ଭାରତବର୍ଷରେ ନିଜକୁ ପରିଚିତ କରିପାରିଛି। ପ୍ରାକୃତିକ ଉପାୟରେ ନଡିଆ




ପ୍ରସ୍ତୁତ କରି ତାକୁ ବିକ୍ରୟ ରସକୁ ରାନ୍ଧି ତାର ତେଲ କରାଯାଉଅଛି। ଏହି ମରା ନଡ଼ିଆ ତେଲର ଚାହିଦା ହେତୁ ଏହି ଗୋଷ୍ଠୀରେ ଥିବା ମହିଳା ମାନେ କାର୍ଯ୍ୟକରି ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ ହୋଇ ପାରିଛନ୍ତି। ଏହି ଅନୁଷ୍ଠାନଟିକୁ ପାରେକେଣା ଗ୍ରାମର ଜଣେ ଉଦ୍ୟମୀ ମହିଳା ଶ୍ରୀମତୀ ସର୍ଜିତା ହରିଚନ୍ଦନ କିଛି ମହିଳାଙ୍କୁ ସାଥିରେ ରଖି ୨୦୧୧ ମସିହାରେ ଆରମ୍ଭ କରିଥିଲେ। ବିଭିନ୍ନ ଘାତ ପ୍ରତିଘାତ ର ସମ୍ମୁଖିନ ହୋଇ ମଧ ତାଙ୍କର ଉଦ୍ୟମ ଯୋଗୁଁ ଆଜି ସେ ଏହି ଅନୁଷ୍ଠାନଟିକୁ ସଫଳତାର ଶୀର୍ଷକୁ ନେଇ ପାରିଛନ୍ତି। ଓରମାସର ଆର୍ଥିକ ସହାୟତା ଓ ମାର୍କେଟିଂରେ ସହାୟତା ଯୋଗୁଁ ସାରା ଭାରତରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଣିଜ୍ୟ ମେଳା ମାନଙ୍କରେ ଏହି ଅନୁଷ୍ଠାନକୁ ନିଜର ଉତ୍ପାଦ ବିକ୍ରୟ କରିବାକୁ ସୁଯୋଗ ମିଳୁଛି। ନିଜ ପ୍ରତିକ୍ରିୟାରେ ଶ୍ରୀମତୀ ହରିଚନ୍ଦନ ଏହି ମରା ନଡ଼ିଆ ତେଲର ସାଧାରଣ ବଜାରରେ ମଧ ବିପୁଳ ଚାହିଦା ରହିଛି ବୋଲି ପ୍ରକାଶ କରିଛନ୍ତି ଏହା ସହିତ ଆଗାମୀ ଦିନରେ ଏହି ଚାହିଦା ମେଣ୍ଟାଇବା ପାଇଁ ଅନୁଷ୍ଠାନର କଳେବର କୁ ବୃଦ୍ଧି କରାଯିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସାକ୍ଷୀଗୋପାଳ ବଜାର ଠାରୁ ପ୍ରାୟ ବାର କିଲୋମିଟର ଦୁରରେ ଚାଲିଥିବା ଏହି ଅନୁଷ୍ଠାନଟି ମହିଳା ସଶକ୍ତିକରଣର ଏକ ବଡ଼ ଉଦାହରଣ ନିଃସନ୍ଦେହରେ କୁହାଯାଇ ପାରେ।

# VEDIC MATHEMATICS



SARBESWAR BEHERA

The Vedas are the ancient texts which mean "Knowledge" in Sanskrit and are the most honored in Hinduism. Vedic mathematics is based on Veda and was rediscover by Shri Bharathi Krishna Tirthaji Maharaj. He was born on 14 March 1884 to a resolute Tamil Brahmin family in small village named "Tinnivelly" in Indian State of Odisha. Although he always perform very good in subjects like mathematics, science, humanities but his favorite subjects were Sanskrit and Oratory. His interests were also in spiritualism and mediation. In 1908 he proceeded to Sringeri to practice meditation and studied Advaita Vedanta and Sastra under Jagadguru Sankaracharya Satcitananda Sivabhinava Nrisimha Bharit, for eight years from 1911 to 1919. During these years he became aware of the 16 Vedic Sutras.

Later he wrote the sutras on the manuscripts but were lost due to some undisclosed reasons. Finally in year 1957, on the request of his ardent devotees he wrote introductory volume of 16 sutras which is called as Vedic Mathematic. In 1958 the type script of Vedic Mathematics was left in US for publication. On 2nd February 1960 he attained Mahasamadhi.

Jagadguru Shri Bharati Krishna Tirtha was prominent Indian spiritual leader, mathematician, and the Shankaracharya (spiritual head) of the Govardhan Matha in Puri, Odisha. He held the title of Jagadguru, meaning "teacher of the world", which is a prestigious title given to spiritual leaders in certain lineages of Hinduism.

Advantages of Vedic Mathematics

Vedic Mathematics offers several potential advantages:

1.Speed and Efficiency: One of the primary benefits of Vedic Mathematics is its emphasis on mental calculation techniques that can significantly enhance the speed and efficiency of mathematical computation. By employing Vedic methods, individuals can perform complex calculations quickly, making it particularly useful in competitive exams, professional fields requiring rapid computation, and everyday life.

2.Flexibility and Adaptability: Vedic Mathematics provides alternative approaches to traditional mathematical operations, offering multiple methods to solve a single problem. This flexibility allows learners to choose techniques that resonate with them and adapt their problem solving strategies to suit various situations preferences, and learning styles.

3.Improved Number Sense: By delving into the underlying principles of Vedic Mathematics, learners can develop a deeper understanding of number and mathematical concepts. The holistic nature of Vedic techniques encourages individual to explore patterns, relationship, and connections within mathematics fostering a more profound appreciation and intuitive grasp of numerical concepts.

4.Enhanced Mental Agility: Practicing Vedic Mathematics techniques requires mental dexterity, concentration, and visualization skill. Regular engagement with Vedic methods can sharpen these cognitive abilities, leading to improved mental agility, problem solving skills and overall mathematical influency.

5.Cultural and Historical context: Studying Vedic Mathematics provides instigates into ancient Indian culture, heritage and Mathematical contributions. It offers a unique perspective on the development of mathematical knowledge and highlights the intellectual richness of ancient civilization, fostering cross-cultural understanding and appreciation.

6. Applicability Across Disciplines: While Vedic Mathematics originate in ancient India, its principles and technique are applicable to various mathematical domains including arithmetic, algebra, geometry, trigonometry, and calculus. This broad applicability makes Vedic Mathematics a valuable tool for students, educators, professional and enthusiasts across different disciplines and filed of study.

7.Engagement and Motivations: The innovative and sometimes counterintuitive nature of Vedic Mathematics technique can spark curiosity, engagement, and motivation among learners. Exploring alternative approaches to mathematical problems can reignite interest in mathematics, making it more accessible, enjoyable, and rewarding for individuals of all ages and backgrounds.

While Vedic Mathematics may not replace conventional mathematical methods entirely, its unique advantages make it a valuable complement to traditional pedagogies, offering learners new perspectives, strategies and opportunities for mathematical exploration and growth.

One of the key principles of Vedic Mathematics is its reliance on sutras, or concise formulae, which serves as mental or written shortcuts for performing mathematical calculations. These sutras are designed to simplify arithmetic, algebra, geometry and even calculus, making them accessible to students and practitioners at all levels.

Some key features of Vedic Mathematics include:

1.Sutras ( Aphorisms): These are concise formulas or principles that serve as the foundation of Vedic Mathematics. There are sixteen main sutras, each addressing different mathematical operations like multiplications, division, square roots, etc.

2.Sub-sutras: These are supplementary rules that further refine the application of the main sutras.

3.Upa-sutras: These are additional principles that complement the mains sutras providing further shortcuts and techniques.

Vedic Mathematics covers a wide range of the mathematical topics, including arithmetic, algebra, geometry, trigonometry, calculus, and more. Its techniques are often praised for their simplicity, elegance, and applicability to various mathematical problems. It has gained popularity not only for its practical applications but also for its potential to enhance mental agility and mathematical intuition. It is often taught as a supplementary or alternative approach to traditional mathematical methods, both in academic settings and through various educational resources.

In summary, Vedic Mathematics represents a holistic approach to mathematical problem-solving that integrates ancient wisdom with modern techniques, offering a unique perspective on the beauty and simplicity inherent mathematics. It continues to be studied, practiced, and debated by enthusiasts and scholars worldwide, contributing to the rich tapestry of mathematical knowledge and cultural heritage.

***KHATBIN SAHI***
***CUTTACK-1***
***Mob- 9437016384***



# ଚାତକ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

କୋଇଲି ପରିବାରର ଅନ୍ୟତମ ସଦସ୍ୟ, ଚାତକ ପକ୍ଷୀର ସମ୍ପର୍କ ଆମ ସଂସ୍କୃତି ସହିତ ଅତି ନିବିଡ । ଧୈର୍ଯ୍ୟର ସହିତ କୌଣସି ଇପ୍ସିତ ବସ୍ତୁର ସଠିକ ସମୟକୁ ଅପେକ୍ଷା କରିବାର କ୍ଷମତା ଚାତକ ପକ୍ଷୀର ନାମକରଣକୁ ସାର୍ଥକ କରେ । ମହାକବି କାଳିଦାସ ଲିଖିତ କାବ୍ୟ ମେଘଦୂତ, ଓ ମହାଭାରତରେ ଏହି ସୁନ୍ଦର ପକ୍ଷୀଟିର ବର୍ଣ୍ଣନା ରହିଛି । ଏହି ପକ୍ଷୀର ବିଶେଷତ୍ୱ ହେଲା, ଏହା ବୃକ୍ଷର ଶୀର୍ଷ ଭାଗରେ ବସି, ବର୍ଷାର ଆଗମନକୁ ଅପେକ୍ଷା କରିଥାଏ। ପ୍ରଥମେ ପଡୁଥିବା ବର୍ଷା ବୁନ୍ଦା ବ୍ୟତୀତ, ଏହା ପାଖରେ ଥିବା ନଦୀ ଓ ପୁଷ୍କରିଣୀର ଜଳ ଉତ୍ସରୁ ନିଜର ତୃଷ୍ଣା ମେଣ୍ଟାଇ ନଥାଏ ।

ଇଂରାଜୀରେ ଏହାକୁ Jacobin cuckoo, ସଂସ୍କୃତ, ହିନ୍ଦୀ, ମରାଠୀ ଓ ବଙ୍ଗଳାରେ ଚାତକ, ଗୁଜୁରାଟିରେ ପପିହା ଓ ଉତ୍ତରାଖଣ୍ଡରେ ଚୋଲିପକ୍ଷୀ କୁହାଯାଏ । ଏମାନେ କେବଳ ଆଫ୍ରିକା ଓ ଏସିଆ, ଅଷ୍ଟ୍ରେଲିଆ, ଓ ଉତ୍ତର ଆମେରିକାରେ ଦୃଶ୍ୟମାନ ହୁଅନ୍ତି । ଶ୍ରୀଲଙ୍କା ଓ ମିଆଁମାର ଅଞ୍ଚଳରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାନ୍ତି । ଏହାର ବୈଜ୍ଞାନିକ ନାମ clamator jacobinus । ୧୭୮୩ ମସିହାରେ ଡ଼ଚ୍ ପ୍ରକୃତି-ବିଜ୍ଞାନୀ ଜାକୋବିନସ୍ ପ୍ରଥମେ ଏହି ସୁନ୍ଦର ପକ୍ଷୀଟିକୁ ଠାବକରି ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ।

କଳା ଓ ଧଳା ସମିଶ୍ରିତ ରଙ୍ଗରେ ଏହି ମଧ୍ୟମ ଧରଣର ପକ୍ଷୀଟି ଦେଖିବାକୁ ଖୁବ ଆକର୍ଷଣୀୟ। ଶରୀରର ନିମ୍ନଭାଗ ଓ ଲାଞ୍ଜର ଶେଷଭାଗ ଧଳା ହୋଇଥାଏ । ପକ୍ଷର ଉଭୟ ପାର୍ଶ୍ୱରେ ଧଳା ପଟ୍ଟି ଥିବାରୁ, ଉଡୁଥିବା ବେଳେ ଏହାକୁ ସହଜରେ ଏହାକୁ ଚିହ୍ନି ହୁଏ । ମୁଣ୍ଡରେ ଚୂଳଥିବା, ଏହି ପକ୍ଷୀଟିର ବିଶେଷତ୍ୱ। ପ୍ରଜାତିଭେଦରେ ତିନି ପ୍ରକାରର ଦୃଶ୍ୟମାନ ହେଉଥିବା ଏହି ପକ୍ଷୀ ମୂଳତଃ ଆଫ୍ରିକାର ସ୍ଥାୟୀ ବାସିନ୍ଦା ତେବେ ବର୍ଷାଋତୁ ଆଗମନର ଅବ୍ୟବହିତ ପୂର୍ବରୁ ଏମାନେ ଭାରତ, ମିଆଁମାର ଓ ଶ୍ରୀଲଙ୍କାକୁ ଆସନ୍ତି । ମାତ୍ର ୩୫୦ ଗ୍ରାମ ଓଜନର ଏହି କ୍ଷୁଦ୍ର ପକ୍ଷୀ, ଏକ ନିର୍ଦ୍ଦିଷ୍ଟ ଆକାଶ-ପଥରେ ଆରବ ମହାସାଗର ଉପର ଦେଇ ଦୀର୍ଘ ୬୦୦୦ କିଲୋମିଟର ପଥ ଅତିକ୍ରମ କରିଥାନ୍ତି । ଏମାନଙ୍କ ଜୀବନକାଳ ୨୦ବର୍ଷ ପର୍ଯ୍ୟନ୍ତ ହୋଇଥାଏ।

କେବଳ ବର୍ଷାର ପ୍ରଥମ ଜଳବୁନ୍ଦା ପାନ କରିବାକୁ ଚାତକ ପରି ଅପେକ୍ଷା କରି ରହୁଥିବାରୁ ଏହି ପକ୍ଷୀର ଏପରି ନାମକରଣ କରାଯାଇଛି । ପକ୍ଷୀ ବିଶେଷଜ୍ଞମାନେ ଏହି ପକ୍ଷୀ ଉପରେ ପରୀକ୍ଷା ନିରୀକ୍ଷା କରି, ଏହି ସିଦ୍ଧାନ୍ତକୁ ଗ୍ରହଣ କରିଛନ୍ତି । ପଞ୍ଜୁରୀରେ ରଖି ପାଣି ପିଇବାକୁ ଦେଲେ ଏହା ପିଇ ନଥାଏ। ବର୍ଷାର ଆଗମନକୁ ଅପେକ୍ଷା କରି କରି ଅନେକ ପକ୍ଷୀ ପ୍ରାଣ ହରାଇଥାନ୍ତି । କେତେକ ନିର୍ଦ୍ଦିଷ୍ଟ ପ୍ରଜାତି, ଶିଶିର ବୁନ୍ଦାରୁ ଶୋଷ ମେଣ୍ଟାଇବାର ବିରଳ ଦୃଷ୍ଟାନ୍ତ ରହିଛି । ତେବେ ପାଖରେ ନଦୀ ପୁଷ୍କରିଣୀ ପରି ପର୍ଯ୍ୟାପ୍ତ ଜଳ ଉତ୍ସ ରହିଥିଲେବି ଏମାନେ ଜଳପାନ କରନ୍ତି ନାହିଁ ।

ଅଭିଶପ୍ତ ଏହି ପକ୍ଷୀଟିର ଏପରି ଅହେତୁକ କାରଣ କିଛି ନିର୍ଦ୍ଦିଷ୍ଟ ଭାବେ ଜଣା ନପଡିଥିଲେ ବି ପୁରାଣ ଓ ଲୋକକଥାରେ ବିଭିନ୍ନ

## ଜୀବଜଗତ

କାହାଣୀ ଶୁଣିବାକୁ ମିଳେ । ତେବେ ଏହି ତଥ୍ୟକୁ କେତେକ ବିରୋଧ କରନ୍ତି । ସେମାନଙ୍କ ଯୁକ୍ତିହେଲା 'କେବଳ ବର୍ଷାଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ଜଳ ପାନ ନକରି ଜୀବ-ଜଗତ ତିଷ୍ଠିବା ଅସମ୍ଭବ କିନ୍ତୁ ଏହା ଠିକ ନୁହେଁ । ପ୍ରକୃତିର ନିୟମ ଅନୁସାରେ କେତେକ ଜୀବ ସେମାନଙ୍କ ଜୀବନକାଳ ଭିତରେ ଆଦୌ ପାଣି ପିଇ ନଥାନ୍ତି । କେତେକ ସାମୁଦ୍ରିକ ପକ୍ଷୀ କେବଳ ଲବଣାକ୍ତ ଜଳ ପାନ କରନ୍ତି । 'ହମିଙ୍ଗବାର୍ଡ' ଏପରି ଏକ ପକ୍ଷୀ ଯିଏ ତା ଜୀବନ କାଳ ମଧ୍ୟରେ ଆଦୌ ପାଣି ପିଇନଥାଏ ।

ମୌସୁମୀ ଆଗମନର ଆଗୁଆ ସୂଚନା ମିଳୁଥିବାରୁ ଏହାକୁ 'ମେଘଦୂତ' ର ମାନ୍ୟତା ଦିଆଯାଏ। ଚାତକପକ୍ଷୀ କେବଳ ବର୍ଷାଦିନେ ଦେଖିବାକୁ ମିଳନ୍ତି । ବର୍ଷାଋତୁ ପରେପରେ ଏମାନେ ସ୍ୱଦେଶକୁ ଫେରିଯାନ୍ତି। ତେବେ କେତେକ ଚାତକ ପକ୍ଷୀ ଦାକ୍ଷିଣାତ୍ୟର ଘଞ୍ଚ ଜଙ୍ଗଲରେ ସ୍ଥାୟୀ ଭାବରେ ବସବାସ କରିବାର ଦେଖାଯାଏ । ଏମାନେ ସବୁବେଳେ ଯୋଡାରେ ରହିବାକୁ ପସନ୍ଦ କରନ୍ତି କିନ୍ତୁ ସନ୍ଧ୍ୟାହେଲେ ଏମାନେ ଅଲଗା ହୋଇ ପୁନର୍ବାର ସକାଳୁ ଏକାଠି ହୁଅନ୍ତି ।

ଏମାନଙ୍କ ରାବ ଶୁଣିବାକୁ ଅତ୍ୟନ୍ତ ଚମତ୍କାର। 'ପିଉ' 'ପିଉ' ଭାବରେ ଏମାନେ କ୍ରମାଗତ ରାବିଥାନ୍ତି ଏବଂ ମଝିରେ ମଝିରେ ସ୍ୱର ପରିବର୍ତ୍ତନ କରନ୍ତି । ତୋଫା ଜହ୍ନରାତିରେ ଏମାନଙ୍କ ରାବ ଅଧିକ ସମୟ ଧରି , ସ୍ପଷ୍ଟ ଭାବେ ଶୁଣିବାକୁ ମିଳେ । ଉଈ, ସଁବାଳୁଆ, ଝିଣ୍ଟିକା ଓ ପୋକଯୋକ ଏମାନଙ୍କ ପ୍ରିୟ ଖାଦ୍ୟ ତେବେ ବେଳେବେଳେ ବିଭିନ୍ନ କୋଳି ଓ ଫଳ ଆହାର କରିଥାନ୍ତି ।

ପୁରୁଷ ଓ ମାତା ପକ୍ଷୀର ଶାରୀରିକ ଗଠନରେ ବିଶେଷ କିଛି ତାରତମ୍ୟ ନଥାଏ । ପ୍ରଥମ ଓ ଚତୁର୍ଥ ଆଙ୍ଗୁଠି ପଛପଟକୁ ମୋଡି



ହୋଇଥାଏ। ଏମାନେ କୋଇଲି ପରି ନିଜସ୍ୱ ନୀଡ ତିଆରି କରନ୍ତି ନାହିଁ। ବାବଲର ଓ ବୁଲବୁଲ ପକ୍ଷୀ ବସାରେ ଚାତକ ଅଣ୍ଡା ଦେଇଥାଏ। ପୂର୍ବରୁ ଅଣ୍ଡା ଦେଇଥିବା ବାବଲର ଓ ବୁଲବୁଲ ପକ୍ଷୀ ବସା ଚାରିପଟେ ଉଡିଉଡ଼ି ପୁରଷ ଚାତକ, ତାକୁ ବ୍ୟସ୍ତ ବିବ୍ରତ କରିପକାଏ ଓ ଶେଷରେ ତାକୁ ବସା ଛାଡି ଚାଲିଯିବାକୁ ବାଧ କରେ।

ଏହି ସୁବର୍ଣ୍ଣ ସୁଯୋଗକୁ ମାତା ଚାତକ ଅପେକ୍ଷା କରିଥାଏ ଓ ତରବରିଆ ଭାବେ ଗୋଟିଏ ଅଣ୍ଡାଦିଏ । ଏହି ପ୍ରକ୍ରିୟା ପ୍ରତ୍ୟୁଷରୁ ସମାପନ ହୁଏ । ଏହାର ଈଷତ ନୀଳରଙ୍ଗର ଅଣ୍ଡା ସାମାନ୍ୟ ବଡ ହେଲେବି ଏହା ଅନ୍ୟପକ୍ଷୀର ଅଣ୍ଡାର ରଙ୍ଗ ସହିତ ମିଶି ଯାଇଥାଏ । ଉତ୍ତରଭାରତରେ ଚାତକ ପକ୍ଷୀର ଅଣ୍ଡା ଦାନ ସମୟ ଅଗଷ୍ଟ -ସେପ୍ଟେମ୍ବର ହୋଇଥିଲାବେଳେ ଦକ୍ଷିଣରେ ଏହା ବିଳମ୍ବିତ ହୋଇଥାଏ ।

ମାତା ଚାତକ ଅଣ୍ଡା ଦେଇ ସାରିବା ପରେ ଖୁବ ଚତୁରତାର ସହିତ ପୂର୍ବ ଅଣ୍ଡାରୁ ଗୋଟିଏ ତଳକୁ ଫିଙ୍ଗି ଦିଏ । ଅଣ୍ଡାର ସଂଖ୍ୟା ଅପରିବର୍ତ୍ତିତ ରଖି ଓ ପାଳିତ ପକ୍ଷୀର ସନ୍ଦେହ ନହେବା ପାଇଁ ସେ ଏପରି କରିଥାଏ । ଚାତକ ଅଣ୍ଡାକୁ ନିଜର ଭାବି, ବାବଲର ପକ୍ଷୀ ଜତ୍ନ ନିଏ । ପ୍ରଥମେ ଚାତକ ଅଣ୍ଡାରୁ ଶାବକ ଜନ୍ମ ହୁଏ। ସହଜାତ ପ୍ରବୃତ୍ତି ଅନୁଯାୟୀ ଚାତକ ଶାବକ ମୂଳରୁ ହିଂସ୍ର ହୋଇଥାଏ। ସେ ଅନ୍ୟ ଅଣ୍ଡା କିମ୍ବା ଜନ୍ମିଥିବା ଶାବକଙ୍କୁ ଗୋଡ ସାହାଯ୍ୟରେ ଠେଲି ଠେଲି ତଳେ ପକାଇ ଦିଏ ।

ମାତ୍ର ଦୁଇଦିନ ଭିତରେ ଶାବକର ରଙ୍ଗ ଗୋଲାପିରୁ ଖଇରିଆ ଓ ଶେଷରେ କଳାରଙ୍ଗକୁ ପରିବର୍ତ୍ତନ ହୋଇଥାଏ । ଚାତକ- ଶାବକ ପାଳିତ ମା ଠାରୁ ଖାଦ୍ୟ ଗ୍ରହଣ କରି ଖୁବ ଶୀଘ୍ର ବଡ଼ ହୁଏ । ଏପରିକି ଆକାରରେ ମା ଠାରୁ ଆକାରରେ ବଡ଼ ହେବା ପର୍ଯ୍ୟନ୍ତ ନିଜର ଛୁଆ ଭାବି ପାଳିତା ମା ତାକୁ ଅହରହ ଖୁଆଉଥାଏ ।

ଦକ୍ଷିଣ ଆଫ୍ରିକାରୁ ଚାତକ ଏପ୍ରିଲ ଓ ମେ ମାସରେ ଭାରତ ଆସିଥାନ୍ତି ଓ ସେପ୍ଟେମ୍ବର ମାସରେ ପ୍ରତ୍ୟାବର୍ତ୍ତନ କରନ୍ତି । ଏହି ସମୟ ଭିତରେ ସେମାନଙ୍କ ମିଳନ,ଅଣ୍ଡା ଦାନ ପ୍ରକିୟା ସମାପନ ହୁଏ । ଏପରିକି ଶାବକମାନେ ଖୁବ ଶୀଘ୍ର ବଡ଼ ହୋଇ ଉଡାଣକ୍ଷମ ହୁଅନ୍ତି । ଆମ ସଂସ୍କୃତିରେ ଚାତକକୁ ଦେଖିବା ଅତ୍ୟନ୍ତ ଶୁଭ ମନାଯାଏ। ଏମାନଙ୍କୁ ବର୍ଷାର ଆବାହକ ହୋଇଥିବାରୁ ଏମାନଙ୍କୁ ଗ୍ରୀଷ୍ମ ଋତୁରେ ଦେଖିଲେ ବର୍ଷାର ସମ୍ଭାବ୍ୟ ସୂଚନା ମିଳିଥାଏ ବୋଲି କୁହାଯାଏ। ପୁରାଣ ତଥ୍ୟ ଅନୁଯାୟୀ ଏମାନେ ତୃଷାର୍ତ୍ତ ରହି ଅହରହ ବର୍ଷା ପାଇଁ ପ୍ରାର୍ଥନା କରନ୍ତି ଓ ଇନ୍ଦ୍ର ଦେବତା ଏମାନଙ୍କ ଡାକ ଶୁଣିଥାନ୍ତି ।

ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳରେ ଚାତକ ପକ୍ଷୀକୁ ନେଇ ଏକ ସୁନ୍ଦର ଲୋକକଥା ପ୍ରଚଳିତ ଅଛି । ଏକ ଗ୍ରାମରେ ଜନୈକା ବୃଦ୍ଧାଙ୍କର 'ଚୋଲି' ନାମ୍ନୀ ଏକ କନ୍ୟା ଥିଲା। ଗ୍ରୀଷ୍ମଋତୁର ଏକ ମଧ୍ୟାହ୍ନରେ ନିଜର ତୃଷାର୍ତ୍ତ ବଳଦକୁ ନିକଟବର୍ତ୍ତୀ ନଦୀକୁ ନେଇ ପାଣି ପିଆଇବାକୁ ବୃଦ୍ଧା ଝିଅକୁ ନିର୍ଦ୍ଦେଶ ଦେଲେ। ପ୍ରଥମେ ରୌଦ୍ରତାପକୁ ଡ଼ରି ଝିଅ ମା କଥା ମାନିବାକୁ ଅମଙ୍ଗ ହେଲା କିନ୍ତୁ ବଳଦକୁ ପାଣି ପିଆଇ ଆଣିଲେ, ଝିଅକୁ ସ୍ୱାଦିଷ୍ଟ ହାଲୁଆ ଖାଇବାକୁ ଦେବେ ବୋଲି ମା କହିବାରୁ ଝିଅ ରାଜି ହୋଇଗଲା । ଝିଅଟି ବଳଦକୁ ନେଇ ପାଣି ପିଆଇବା ପାଇଁ ନଦୀ ନିକଟକୁ ଚାଲିଲା। ଅଧାବାଟରେ ପଥଶ୍ରମ ଜନିତ କ୍ଲାନ୍ତି ଯୋଗୁଁ ସେ ହଠାତ ତାର ନିଷ୍ପତ୍ତି ବଦଳାଇଲା। ସେ ଭାବିଲା ' ଇଏତ ବଳଦ, କଥାକହି ପାରିବ ନାହିଁ । ସୁତରାଂ ଏହିଠାରୁ ଏହାକୁ ଘରକୁ ଫେରାଇ ନେଇ ମାକୁ ମିଛ କହିବି ଯେ ବଳଦକୁ ନଦୀରେ ପାଣି ପିଆଇ ଆଣିଛି'

ଶେଷରେ ଝିଅ ତାହାହିଁ କଲା । ଶୋଷରେ ଆଉଟପାଉଟ ହେଉଥିବା ବଳଦକୁ ଖୁଣ୍ଟରେ ବାନ୍ଧି, ମାକୁ ମିଛ କହିଲା । ବଳଦ ଆଗରେ ବସି ହାଲୁଆ ଖାଇଲା । ଶୋଷରେ ଛଟପଟ ହୋଇ ବଳଦ ମରିଗଲା। ମଲାପୂର୍ବରୁ ଅଭିଶାପ ଦେଲା -'ତୁ ମୋତେ ଯେପରି ପାଣି ନପିଆଇ ଫେରାଇ ଆଣିଲୁ, ଆର ଜନ୍ମରେ ତୁ ବି ସେମିତି ପାଣି ପାଇଁ ଛଟପଟ ହେବୁ । ଆର ଜନ୍ମରେ ତୁ ପକ୍ଷୀ ରୂପରେ ଜନ୍ମ ନେବୁ ଓ ଶୋଷ ଲାଗିଲେ ବି ନଦୀ ପୁଷ୍କରିଣୀର ଜଳ ପାନ କରି ପାରିବୁ ନାହିଁ । ସେ ସବୁ ଜଳ ତୋତେ ରକ୍ତ ସଦୃଶ୍ୟ ପ୍ରତୀୟମାନ ହେବ। କେବଳ ବର୍ଷା ବୁନ୍ଦା ଉପରେ ନିର୍ଭରକରି ବଞ୍ଚିବୁ ଓ ସେଥିପାଇଁ ଇନ୍ଦ୍ର ଦେବତାକୁ ଅହରହ ପ୍ରାର୍ଥନା କରି ତୋ ପାପର ପ୍ରାୟଶ୍ଚିତ କରିବୁ ' । ସେଦିନଠାରୁ 'ଚୋଲି' ପକ୍ଷୀ ରୂପରେ ଚାତକର ସୃଷ୍ଟି ହେଲା ।

ଆମ ମହାନ ସନାତନ ଧର୍ମ ଓ ସଂସ୍କୃତି ସହିତ କେତେକ ପକ୍ଷୀଙ୍କୁ ଯୋଡି ଦିଆଯାଇଛି। ସହଜାତ ଗୁଣ ଓ ସେମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଆଧାରରେ ବିଭିନ୍ନ ଧର୍ମଗ୍ରନ୍ଥରେ ସେମାନଙ୍କ ବର୍ଣ୍ଣନା ରହିଛି । ଚାତକ ବ୍ୟତୀତ ଅନ୍ୟ ପକ୍ଷୀଗୁଡିକ ହେଲେ ହଂସ, ମୟୂର, ସାରସ, ଗରୁଡ଼, ଚକୋର, ବଗ, ଶାଗୁଣା, ପେଚା, କପୋତ, କୁଆ ଓ ଘରଚଟିଆ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଶୋଇବା ପୂର୍ବରୁ ଅଧା ଚାମଚ ଭଜା ଜୀରା ଖାଇକି ପାଣି ପିଅନ୍ତୁ

*ଆପଣ ଜୀରା ଦ୍ୱାରା ହେଉଥିବା ଫାଇଦା ବିଷୟରେ ତ ଶୁଣିଥିବେ । ସକାଳୁ ଖାଲି ପେଟ ଜୀରା ପାଣି ପିଇବା ଦ୍ୱାରା କିମ୍ବା ଜୀରା ଖାଇବା ଦ୍ୱାରା ବ୍ୟକ୍ତିର ଶରୀରରେ ଥିବା ଚର୍ବି କମ ହୋଇଯାଏ । ଆଜି ଆମେ ଆପଣଙ୍କୁ କଞ୍ଚା ଜିରା ବିଷୟରେ ନୁହେଁ ଭଜା ହୋଇଥିବା ଜିରା ବିଷୟରେ କହିବୁ । ଭଜା ହୋଇଥିବା ଜିରା ବହୁତ ଫାଇଦା ଦେଇଥାଏ କାରଣ ଏଥିରେ ବହୁତ ମାତ୍ରାରେ ଭିଟାମିନ ଓ ମିନରାଲ ଥାଏ, ଯାହା ଶରୀର ପାଇଁ ବହୁତ ଫାଇଦା ଦେଇଥାଏ । ଏହା ସହିତ ଆପଣ ରାତିରେ ଖାଦ୍ୟ ଖାଇବାର କିଛି ସମୟ ପରେ ଅଧା ଚାମଚ ଭଜା ହୋଇଥିବା ଜିରା ଖାଇକି ପାଣି ପିଇବା ଦରକାର । ଏହାଦ୍ୱାରା ଶରୀରକୁ ବହୁତ ଫାଇଦା ମିଳେ ।*

**୧.** ଯଦି ଆପଣ ନୀତିଦିନ ରାତିରେ ଅଧା ଚାମଚ ଭଜା ହୋଇଥିବା ଜିରା ଖାଇକି ପାଣି ପିଅନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ । ଏହା ସହିତ ଦାନ୍ତ ଓ ମାଢିକୁ ମଜବୁତ ରଖିଥାଏ । ସେଥିପାଇଁ ପ୍ରତିଦିନ ରାତିରେ ଖାଇବା ପରେ ଏହାର ସେବନ କରନ୍ତୁ ।

**୨.** ଏହା ବ୍ୟତୀତ ଆପଣଙ୍କ ଗଳାରେ କୌଣସି ଅସୁବିଧା ଥାଏ ତେବେ ଅଧା ଚାମଚ ଭଜା ହୋଇଥିବା ଜିରା ଚୋବେଇକି ଖାଇଦିଅନ୍ତୁ । ଦେଖିବେ ବହୁତ ଶିଘ୍ର ଗଳା ଠିକ ହୋଇଯିବ ।

**୩.** ଏହା ସହିତ ବହୁତ କମ ଲୋକ ଜାଣିଥିବେ କି ଭଜା ହୋଇଥିବା ଜିରା ପାଚନ ତନ୍ତ୍ର ପାଇଁ ବହୁତ ଫାଇଦା ଦେଇଥାଏ। ଏହା ଏଥିପାଇଁ କାରଣ କାରଣ ଏଥିରେ ଯେଉଁ ତତ୍ୱ ଥାଏ, ତାହା କବ୍ଜ ଓ ଅପଚ ଭୋଜନ ଦୁଇଟି ସମସ୍ୟାକୁ ଦୂର କରେ ।

ଏହା ପୂର୍ବରୁ ଆପଣ ଅମନେ ଜିରାକୁ ଖାଦ୍ୟର ମସଲା ରୂପରେ ଓ ଖାଦ୍ୟ ଖାଇବା ସମୟରେ ଦହିରେ ଜିରା ମିଶେଇ ଖାଉଥିବେ । ଏହା ଖାଇବା ଦ୍ୱାରା ଖାଦ୍ୟ ବହୁତ ସ୍ୱାଦିଷ୍ଟ ଲାଗେ କିନ୍ତୁ ଜିରାର ଆହୁରି ଅନେକ ଫାଇଦା ରହିଛି ଯାହା



ଆପଣ ମାନେ ଜାଣିନଥିଲେ ଯାହା ଆଜି ଆମେ ଆପଣମାନଙ୍କୁ ଜଣେଇଦେଲୁ। ଏହା ବ୍ୟତୀତ ଜିରାର ବ୍ୟବହାର କେବେଳ ଘରେ ନୁହେଁ ବାହାରେ ବିକ୍ରି ହେଉଥିବା ଚାଟ ଓ ଚଟପଟା ଆଳୁ ଆଦିରେ ବ୍ୟବହାର କରାଯାଏ । ଜିରା ଦ୍ୱାରା ଆମକୁ ବହୁତ ଫାଇଦା ମିଳିପାରେ ।

# ଅଭିଯୋଗ ଘେରରେ ବୃନ୍ଦାବହାଲ ଠାରୁ ଧାମନପୁରକୁ ସଂଯୋଗ କରିଥିବା ଆରଡି ରାସ୍ତା

ଗୋଲାମୁଣ୍ଡା (ଭିଓଭି): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନରେ ଥିବା ବୃନ୍ଦାବାହାଲ ଠାରୁ ଧାମନପୁର ଭାୟା ବୋରଗୁମା ଆର.ଡି. ରାସ୍ତା ସମ୍ପୂର୍ଣ୍ଣ ନିମ୍ନମାନର କାର୍ଯ ହୋଇଥିବା ଅଭିଯୋଗ ଆଣିଛନ୍ତି ବୋରଗୁମା ଗ୍ରାମ ବାସୀ ବୃନ୍ଦ, ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଅନୁସାରେ ଗତ ତା ୧୪/୬/ ୨୦୨୪ ମସିହାରେ ସଚିନଅଗ୍ରୱାଲ ନାମକ ଠିକାଦାର ଉକ୍ତ ରାସ୍ତାର ପିଚୁ କାମ କରିବା ସହ ବୋରଗୁମା ଗ୍ରାମର ବନ୍ଧ ହୁଡାରେ ଗାଡୱାଲ ତିଆରି ହୋଇଥିବା ବେଳେ ତଳ ସ୍ତରରେ ଥିବା ମାଟି ପାଣି ଭିତରେ ରହିଛି ଓ ଉପର ପକ୍ଷର ମାଟି ଧସେଇ ବାରେ ଲାଗିଲାଣି, ଓଜନିଆ ଗାଡ଼ି ଚାଲିଲେ ରାସ୍ତା ଦବି ଯାଉଛି । ବର୍ଷା ହେଲେ କାଦୁଆ ପଚ ପଚ ଦେଖା ଯାଏ ।





ବୋରଗୁମା ଗାଁ ଭିତରେ କଂକ୍ରିଟ ରାସ୍ତା ହୋଇଥିବା ବେଳେ ନିମ୍ନମାନର କାମ ହୋଇଥିବାରୁ ଫାଟ ସୃଷ୍ଟି ଦେଖା ଦେଇଛି, ଚାଲିବାରେ ଅସୁବିଧା ଦେଖା ଦେଉଛି ବୋଲି ଗ୍ରାମ ବାସୀ ପ୍ରକାଶ କରିଛନ୍ତି । ରାସ୍ତା କାମ ସାରି ଛଅ ମାସ ନ ହେଉଣୁ ରାସ୍ତା ଫାଟି ବାରେ ଲାଗିଲାଣି । ରାସ୍ତାର ଦୁଇ ପାର୍ଶ୍ୱରେ ମୁରୁମ ଦେବା ବଦଳରେ ଖଲିଆ ମାଟି ଦେଇଥିବା ଦେଖିବାକୁ ମିଳୁଛି । ବର୍ଷା ମାସରେ ଖଲିଆ ମାଟି ଆଣ୍ଠୁଏ କାଦୁଅ ପଚପଚ୍ ଦେଖା ଯାଏ,ପିଚୁ ରାସ୍ତାରେ ମଧ୍ୟ ଅନିୟମିତତା କାମ ହୋଇଥିବାରୁ ପିଚୁ ଗୁଡାକ ଉଠିବାରେ ଲାଗିଲାଣି । ଏଠି ପ୍ରଶ୍ନ ଉଠୁଛି କି ଯେ, ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ରହିବା ବେଳେ କାମ ଚାଲୁଥିବା ସମୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଜେଇ କର୍ଣ୍ଣପାତ କରି ନ ଥିଲେ ବୋଲି ଗ୍ରାମ ବାସୀଙ୍କ ଠାରୁ ପ୍ରକାଶ ମିଳିଛି, ଓ କୋଟି କୋଟି ଟଙ୍କାର କାର୍ଯ୍ୟକୁ ଧୂଳି ସାତ କରିଛନ୍ତି । ତେଣୁ ଏହାର ଭିଜିଲାନ୍ସ ତଦନ୍ତ, କରା ନ ଯାଏ ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗ୍ରାମର ଭଦ୍ରବ୍ୟକ୍ତି ତଥା ଗୋଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ ର ପ୍ରଗଣା ସଭାପତି ଘେନୁ ମାଝୀ, ଯୁଗେଶ୍ୱର୍ ମାଝୀ , ଜୟ ମାଝୀ, ଯୋଗେଶ୍ୱର ବାରିକ, ନିତ୍ୟାକାଣ୍ଡ, ଡିଙ୍ଗର ମାଝୀ, ରେଙ୍ଗା ମାଝୀ, ବିଜୟ ହଂସ, ଓ ସଦା ମାଝୀ ପ୍ରମୁଖ ଗ୍ରାମବାସୀ ଗଣ ମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି । ଏହି ପରିପ୍ରେକ୍ଷିରେ ଆରଡି ବିଭାଗ ଜେଇ ଆଶିଷ ସେଠୀଙ୍କ ମତାମତ ନେବା ପାଇଁ ତାଙ୍କ କାର୍ଯ୍ୟାଳୟ ଧର୍ମଗଡ଼ କୁ ଯାଇ ଥିଲେ ମଧ୍ୟ ସାକ୍ଷାତ ମିଳି ପାରିନାହିଁ କିମ୍ବା ଫୋନ୍ ଗ୍ରହଣ କରି ଥିଲେ ନାହି । ତେଣୁ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବାପାଇଁ ଜିଦ କରିଛନ୍ତି ।

# ଆସ୍କା କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ୍ ଏବଂ ପିଲାଙ୍କ ଆଇକାର୍ଡ ଦାବି




ଆସିକା (ଭିଓଭି): ଆସିକା ସୂତାକଳ ନିକଟରେ ଥିବା ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପିଲାମାନଙ୍କ ନିମନ୍ତେ ସାଇକେଲ ରଖିବାକୁ ଷ୍ଟାଣ୍ଡ ଗୋଟେ ନାହିଁ । ଦୈନିକ ଶହେ ଶହେ ଛାତ୍ରଛାତ୍ରୀମାନେ ଦୂର ଦୁରାନ୍ତରୁ ସାଇକେଲପାଠ ପଢିବା ପାଇଁ ଆସିଥାନ୍ତି । ସେମାନେ ଆସିଥିବା ସାଇକେଲ ଗୁଡିକୁ ଷ୍ଟାଣ୍ଡ ରେ ରଖିବା ପାଇଁ ଏକ ସାଇକେଲ ଷ୍ଟାଣ୍ଡର ବ୍ୟବସ୍ଥା । ଗତ ଦୁଇ ବର୍ଷ ହେଲା ୨୦୨୩-୨୪ ଶିକ୍ଷା ବର୍ଷ ଶେଷ ହେବାକୁ ଆସିଥିଲେ ସୁଦ୍ଧା ପିଲାଙ୍କ ଆଇ କାର୍ଡ ପ୍ରଦାନକରା ଯାଇ ନାହିଁ । ସ୍କୁଲ ହତାର ଚାରିପାଖରେ ଥିବା କାନ୍ଥ ଉପରି ଭାଗରେ ତାର ବେଡା ଯାଇନାହିଁ । ବର୍ଷା ସମୟରେ ବର୍ଷା ଜଳ ସ୍କୁଲ ମଧ୍ୟରୁ ଶୀଘ୍ର ନିଷ୍କାସନ ହୋଇ ପାରୁ ନାହିଁ । ବର୍ଷା ଜଳ ନିଷ୍କାସନ ନିମନ୍ତେ ଭୁତଳ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇନାହିଁ । ଅଭିଭାବକମାନଙ୍କ ବିଦ୍ୟାଳୟର ସମସ୍ୟା ସମ୍ପକରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ବଳରାମ ମହାନ୍ତିଙ୍କୁ ପାଭାରିବାରୁ ସେ ପିଲାମାନଙ୍କ ପରିଚୟ ପତ୍ର (ଆଇ କାର୍ଡ ) ଜି ଇ ଏମ ପୋର୍ଟାଲ ରେ ଅର୍ଡର ଦିଆଯାଇଛି । ଏହି ବିଦ୍ୟାଳୟରେ ପୁଅ ୩୫୧ ଜଣ ଏବଂ ଝିଅ ୨୯୦ ଜଣ ମିଶି ମୋଟ ୬୪୧ ଜଣ ଅଧୟନ କରୁଛନ୍ତି । ଭୁବେନେଶ୍ୱରର ଏକ ଟେଣ୍ଡର କମ୍ପାନୀ ଅଧା କାର୍ଡ ପ୍ରଦାନ କରିଛି । ସେଥିରେ କେତେ କାର୍ଡ ଭୁଲ ରହିଛି । ସମସ୍ତ କାର୍ଡ ନିର୍ଭୁଲ ଭାବେ ଯୋଗାଣ କଲେ ଆମେ ଅତି ଶୀଘ୍ର ପ୍ରଦାନ କରିବୁ । ପିଲାମାନଙ୍କ ନିମନ୍ତେ କେବଳ ସାଇକେଲ ଷ୍ଟାଣ୍ଡ,ନୁହଁ ଆହୁରି ଭୋକେଶନାଲ ଲ୍ୟାବ, ୦୫ ଗୋଟି ପେନେଲ, ଡ୍ରେନେଜ ବ୍ୟବସ୍ଥା, ଅତ୍ୟାଧୁନିକ ଶୌଚାଳୟ, ନିମନ୍ତେ ଉପରସ୍ଥ ଅଧିକାରୀଙ୍କୁ ଲେଖିଛୁ । ଯଥାଶୀଘ୍ର ଏହି କାମ ହୋଇଯିବ ବୋଲି ଅଧକ୍ଷ କହିଛନ୍ତି । ଏଥି ସହିତ ପିଲାମାନଙ୍କ ନିମନ୍ତେ ୫୦ ହଜାର ଟଙ୍କାର କ୍ରୀଡା ସାମଗ୍ରୀ, ଭଞ୍ଜନଗର କୃଷି କେନ୍ଦ୍ରକୁ ପିଲାମାନଙ୍କୁ ଏକ୍ସପୋଜର ଭିଜିଟରେ ନିଆଯାଇଛି । ପିଲାମାନଙ୍କ ଭବିଷ୍ୟତ ପାଇଁ ସୋସିଆଲ ମେଟ୍ରିକ ଟେଷ୍ଟ କରାଯାଉଛି କ୍ଷ ପାଠ ପଢା କୁ ଆଧୁନିକ କରଣ ନିମନ୍ତେ ୧୪ ଗୋଟି ଶ୍ରେଣୀରେ ଇଣ୍ଟ୍ରାକ୍ଟ ଟଚ ପେନେଲ ରଖା ଯାଇଛି । ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଗାମୀ ଶିକ୍ଷା ବର୍ଷରୁ ନିୟମିତ ଯୋଗ କରାଯିବ ବୋଲି ସେ କହିଛନ୍ତି ।

# ଧୂଳିଗଡ଼ ଜଙ୍ଗଲରୁ କାଠ ଓ ମୋରମ ବେଧଡ଼କ ଲୁଟ

କଳିଙ୍ଗନଗର (ଭିଓଭି) : ଦିନ ଦି ପ୍ରହର ରେ ଅବାଧ ରେ ଜଙ୍ଗଲ ଲୁଟ ଚାଲିଛି, ବନ ବିଭାଗ ଶୋଇଛି । ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲ ଟି ବହୁ ପୁରାତନ, ଦୁଃଖ ର କଥା ଧୀରେ ଧୀରେ ଲୋପ ପାଇବା ରାସ୍ତା ରେ ଏହି ଜଙ୍ଗଲ,ଅସାମାଜିକ ଲୋକ ଙ୍କ ଆଡାସ୍ଥଳୀ ପାଲଟିଥିବା ଜଙ୍ଗଲଟି ରେ ଏବେ ଗଛ କଟା ଓ ମୋରମ ଖୋଳା ନିର୍ଭୟରେ ଚାଲିଛି । ୨୦ ଟ୍ରିପ ରୁ ଅଧିକ ମୋରମ କିଛି ଦିନ ଭିତରେ ଉଠି ଗଲାଣି,ଚୋରା ଦେଶୀ ମଦ ବେପାରୀଙ୍କ ଆଡ୍ଡା ସ୍ଥଳୀ ହୋଇଛି । ଏହି ଜଙ୍ଗଲକୁ ଲାଗି ରହିଥିବା ସାହିର କିଛି ଲୋକ ଦେଶୀ ମହୁଲି ଜଙ୍ଗଲ ଭିତରେ ଲୁଚାଇ ନିର୍ଭୟରେ ବିକୁଛନ୍ତି । ୩୦ ଏକର ବିଶିଷ୍ଟ ଏହି ପୁରାତନ ଜଙ୍ଗଲ ଟି ଶିଳ୍ପାଞ୍ଚଳ ପାଖରେ, ଏହାକୁ ବଞ୍ଚାଇ ରଖିଲେ ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ, ଏହି ଜଙ୍ଗଲ ଟିରେ ବହୁ ଔଷଧୀୟ ଗଛ ସହ ଶାଳ, ଚାକୁଣ୍ଡା, ପିଆଶାଳ, ଆକାଶୀଆ, ଅର୍ଜୁନ ଆଦି ବହୁ ମୂଲ୍ୟବାନ ଗଛ ଲୋପ ପାଉଛି,କୋଟି କୋଟି ଟଙ୍କା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆସୁଛି କିନ୍ତୁ ପୁରୁଣା ଜଙ୍ଗଲ କୁ ସୁରକ୍ଷା ପାଇଁ କାହାର ନଜର ନାହିଁ, ଏହି ଜଙ୍ଗଲ ପାଖରେ ବେଆଇନ ଭାବ ରେ ଜୁଆ ଖେଳ, କୁକୁଡ଼ା ଲଢେଇ ଓ ବିଭିନ୍ନ ଅସାମାଜିକ କାର୍ଯକଳାପ ବୃଦ୍ଧି ପାଉଛି । ରାତିରେ ଚୋର ମାନଙ୍କ ର ଆଡ୍ଡା ସ୍ଥଳୀ ପାଲଟିଛି, ଜଙ୍ଗଲ ଭିତରୁ ମୋରମ ଲୁଟୁ ଚାଲିଛି ।ପୋଲିସ ସବୁ ଜାଣି କାହା ଚାପରେ କି ଆଉ କେଉଁ କାରଣ ରୁ ଚୋରା ମଦ ବେପାରୀଙ୍କୁ ଗିରଫ କରୁନାହିଁ ।ଏ ଜଙ୍ଗଲରେ ଚାଲୁଥିବା ବେଆଇନ କାରବାରକୁ ବିରୋଧ କରୁଥିବା ସାମାଜିକ କର୍ମୀଙ୍କ ଉପରେ ଆକ୍ରମଣ ହେଉଛି । ଏ ସବୁ ଘଟଣା ରେ ପୋଲିସ କିନ୍ତୁ ଚୁପ ଦିନ ଦି ପ୍ରହର ରେ ମଦ ବେପାରୀ, ଆକ୍ରମଣକାରୀ ବୁଲୁଥିବା ବେଳେ ପୋଲିସ ଧରୁନାହିଁ । ଜଙ୍ଗଲ ଆଉ ନାହିଁ ଧୀରେ ଧୀରେ ପଦା ହୋଇଗଲାଣି, ଜଙ୍ଗଲ ଭିତରକୁ ଘର ମାଡି ଗଲାଣି, ବନ ବିଭାଗ ଓ ପ୍ରଶାସନ ସମ୍ପୂର୍ଣ ଭାବ ରେ ନୀରବ ରହିବାର କାରଣ କଣ ହୋଇପାରେ ଶିଳ୍ପ ଚାରିପାଖରେ ଥିବା ଗାଁ ଗୁଡିକ ପ୍ରଦୂଷଣ ରୁ ରକ୍ଷା ପାଇଁ କାରଖାନା ମାନଙ୍କୁ ବୃକ୍ଷ ରୋପଣ ପାଇଁ ବାରମ୍ବାର ପ୍ରଶାସନ କହୁଥିବା ବେଳେ ଗୋଦାରା କୋଡେ ଯେତେ ମାଡ଼େ ସେତେ ଭଳି ବହୁ ପୁରୁଣା ଜଙ୍ଗଲ ଲୋପ ପାଇଯିବା ପଥରେ, ଚିନ୍ତା ରେ ବୁଦ୍ଧିଜୀବି, ଖାଲି ମଦ ବୋତଲ, ପଲିଥିନ ଓ ଆବର୍ଜନା ରେ ଭର୍ତ୍ତୀ ହେଲାଣି ସବୁଜ ଜଙ୍ଗଲ, ଗୋରୁ ଗାଈ ଏହି ପଲିଥିନ ଗୁଡିକ ଖାଉଛନ୍ତି ।ଦାନଗଦି ବଜାର ଓ ମେଡିକାଲ ର ସମସ୍ତ ଆବର୍ଜନା ଗଦା ହେଉଛି ଧୂଳିଗଡ଼ ଜଙ୍ଗଲ, ତେଣୁ ବନ ବିଭାଗ ଓ ପ୍ରଶାସନ ଏଠି ପ୍ରତି ଦୃଷ୍ଟି ଦେଇ ପୁରାତନ ଜଙ୍ଗଲ ଟିକୁ ବଞ୍ଚାଇ ରଖିବାକୁ ସାଧାରଣ ରେ ଦାବୀ ହେଉଛି ।

# ପରିଣତ ବୟସରେ ଗୁମୁରି ଗୁମୁରି କାନ୍ଦୁଛନ୍ତି ଅସହାୟ ଦମ୍ପତି

ଯାଜପୁର (ଭିଓଭି): ବଡ଼ଚଣା ବ୍ଲକ କାଇମାଟିଆ ପଞ୍ଚାୟତ କାଇମାଟିଆ ଦେହୁରୀ ସାହିର ମାୟାଧର ଦେହୁରୀ ବଡ଼ ଭାଇ ସାଉଁଟିଆ ଦେହୁରୀ ଓ ଭାଉଜ ରମ୍ଭା ଦେହୁରୀ,ଏମାନଙ୍କ ପାଇଁ ଯେପରି ଭଗବାନଙ୍କର ଅଭିଶାପ ପାଲୋଟି ଯାଉଛି ।ଦୁଃଖର କଳା ପାହାଡ଼ ଏମାନଙ୍କ ମୁଣ୍ଡ ଉପରେ ଲଦି ହୋଇପଡିଛି, ମାୟାଧର ଦେହୁରୀ ଯାହା ବହୁ ଦିନ ଧରି ଡାହାଣ ପଟ ଗୋଡଟିରେ କୌଣସି ମତେ କାଠ ଖେଣ୍ଟା ବାଜି କ୍ଷେତାକ୍ତ ହୋଇଥିଲା କ୍ଷ ଏବେ ଧୀରେ ଧୀରେ ସେଇ ଜାଗାରେ ଫୁଲା ହେବା ସହ ବିନ୍ଧା ଛିଟିକା ଆରମ୍ଭ ହୋଇଗଲାଣି ଗୋଡ଼ର କଷ୍ଟ ଆଉ ସହ୍ୟ କରିପାରୁନାହାନ୍ତି ମାୟାଧର କ୍ଷ ଚାହିଁଲେ ମଧ୍ୟ କାହାର ସାହାଯ୍ୟ ନେଇଁ ପାରୁନାହାନ୍ତି କାରଣ ପାଖରେ ଅର୍ଥର ସମ୍ବଳ ବୋଲି କିଛି ନାହିଁ କ୍ଷ ପଇସା ପତର କେଉଁଠୁ ଆଣିବେ ଯେ ଡାକ୍ତର ଖାନା ଯାଇଁ ଚିକିତ୍ସା କରିପାରିବେ ।ବର୍ତମାନ ସମୟରେ



ଗୋଡ଼ଟିରେ ଯନ୍ତ୍ରଣା ଆରମ୍ଭ ହୋଇ ସେହି ଫୁଲା ଜାଗାରେ ଜୀବାଣୁ ରହି ଅବସ୍ଥା ଗୁରୁତର କରିଦେଇଛନ୍ତି କ୍ଷ କେହି ହେଲେ ଆହାଃ କରିବାକୁ ଆସିବାର ନାଁ ଧରୁନାହାନ୍ତି ବଡ଼ ଭାଇ ସାଉଁଟିଆ ଦେହୁରୀ ତାଙ୍କ ଦୁଃଖ କେଉଁଠି ବା ବଖାଣିବି ମୁହଁ କୁ ଦେଖିଦେଲେ ଲାଗୁଛି ଯେମିତି ଦୁଃଖ ଏମାନଙ୍କ ଘର ଦୁଆର ଛାଡି ଯିବାକୁ ବାଟ ବି ପାଉନି ।ଗୋଟିଏ ଦୁଃଖ ଉପରେ ଆଉ ଗୋଟିଏ ଦୁଃଖ ମାଡି ବସିଛି ସାଉଁଟିଆ ଦେହୁରୁଙ୍କ ପତ୍ନୀ ରମ୍ଭା ଦେହୁରୀ ଆଜକୁ ଅନେକ ଦିନ ଧରି ଟିଭି ରୋଗରେ ପୀଡିତ ଅଛନ୍ତି ।ପରିଣତ ବୟସରେ ନିଜେ ଉଠି ବସି ପାରୁନାହାନ୍ତି କି ତିନି ପ୍ରାଣୀଙ୍କ ପାଇଁ ପେଟକୁ ରୋଷାଇ କରି ଦେଇପାରୁନାହାନ୍ତି, ବାଧ୍ୟ ହୋଇ ସାଉଁଟି ଦେହୁରୀ ଘରର ସବୁତକ କାର୍ଯ୍ୟକୁ ନିଜେ କରିବାକୁ ପଡୁଛି କ୍ଷ ବଳ ଥିଲା ବେଳେ ସିନା ଏଣେ ତେଣେ କାମ ଧନ୍ଦା କରି ପଇସା ଆଣୁଥିଲେ ଘର ଖର୍ଚ୍ଚ ତୁଲାଉଥିଲେ, କିନ୍ତୁ ଏବେ ବଳ ହଟି ଗଲାପରେ କେହି କାମ ଧନ୍ଦା କୁ ଡାକୁ ନାହାନ୍ତି କ୍ଷ ଏହାରି ଉପରେ ଦୁଇ ପ୍ରାଣୀଙ୍କ ଦୁଃଖ ଯେପରି ମୁଣ୍ଡ ଉପରେ ନଳିତା ବିଡା ପରି ମାଡି ବସିଛି, ଗୋଟିଏ ପଟେ ରୋଗିଲା ସ୍ତ୍ରୀ ଅନ୍ୟ ପଟେ ସାନ ଭାଇର ଗୋଡ଼ର ଯନ୍ତ୍ରଣାରେ ତାଙ୍କ ଦୁଇ ଆଖିରୁ ସ୍ୱଷ୍ଟ ବାରିହୋଇ ପଡୁଛି ।ସେଇ ଛଳ ଛଳ ଦୁଇ ଆଖିରୁ ଲୁହର ଧାର ପାଟି ଥୋଡୀ ଦେଇ ଭୂଇଁରେ ପଡି ଲୋଟିଯାଉଛି କ୍ଷ କଣ କରିବେ କିଏ ସାହା ହେବ ଏହି ସମୟରେ ଏହି ଦୁଃଖରେ ଭାଙ୍ଗି ପଡିଛନ୍ତି ସାଉଁଟି ଦେହୁରୀ, ନିଜେ ତିନି ଜଣଙ୍କ ପାଇଁ ହାତରେ ରୋଷେଇ କରି ଦେବାକୁ ପଡୁଛି କ୍ଷ ଜରି ପାଲ ଘେରା ଭଙ୍ଗା କୁଆଡ଼ିରେ ତିନି ପ୍ରାଣୀଙ୍କ ଜୀବନର ଦୁଃଖର ରାତି ବିତିଯାଉଛି ଗୁମୁରି ଗୁମୁରି କ୍ଷ ଏକ ମାତ୍ର ସାହାରା ସାଜିଛି ରାସନ ଚାଉଳ ମାସକୁ ୩୫ କିଲୋ ଓ ବାର୍ଦ୍ଧକ୍ୟ ଭତ୍ତା ପଇସା ତିନି ଜଣକୁ ତିନି ମୁଠା ଦାନା ତାହା ପୁଣି ମାସ ଟା ଜାଙ୍କ କ୍ଷବର୍ତମାନ ସମୟରେ ସାନ ଭାଇର ଦୁଃଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ କିପରି ଭାଇଟି ଭଲ ହେବ ଚିନ୍ତାରେ ଭାଙ୍ଗି ପଡିଛନ୍ତି ସାଉଁଟି ଦେହୁରୀ, ଦେବ ଦୂତ ପରି ପାଖରେ ଛିଡା ହୋଇଛନ୍ତି ଗ୍ରାମର ଜଣେ ଯୁବ ସମାଜ ସେବୀ ଆଲୋକ କୁମାର ସାହୁ କ୍ଷଏପରି ସମୟରେ ନିଜ ମଟର ସାଇକେଲ ଯୋଗେ ଥର ରୁ ଦୁଇ ଥର ଚିକିତ୍ସା ନିମନ୍ତେ ପାଖ ବଡ଼ଚଣା ମେଡିକାଲ କୁ ନେଇଥିଲେ । ସେଠାରେ ଯାହା ଦେଖିଲେ ମାୟା ଦେହୁରୀଙ୍କ ଗୋଡ଼ରୁ ଜୀବାଣୁ ବାହାରିବାର ଗୋଡ଼ରେ ଜୀବାଣୁ ପଶି ଗୋଡ଼କୁ ଖରାପ କରିଦେଲେଣି । ଡାକ୍ତରଙ୍କୁ ଦେଖାଇ ଡ୍ରେସିଂ କରି ଆଣି ତାଙ୍କ ଘରେ ଛାଡିଦେଇଥିଲେ, କିନ୍ତୁ ଗୋଡ଼ର ଅବସ୍ଥା ଯାହା ତାଙ୍କୁ କଟକ ବଡ଼ ମେଡିକାଲ ନେଇଁ ଉତ୍ତମ ଚିକିତ୍ସା କରା ନ ଗଲେ ଆଗକୁ ଆହୁରି ଅଧିକ ବିପଦ ଘନେଇ ଆସିବ ବୋଲି ଗ୍ରାମର ଯୁବକ ମାନେ ପ୍ରକାଶ କରିଛନ୍ତି ।

# ବ୍ଲକ୍ ଗ୍ରାଣ୍ଟ୍ କଲେଜ କର୍ମଚାରୀଙ୍କୁ ଆଶ୍ୱସ୍ତି: ଚାକିରି ସର୍ତ୍ତାବଳୀ ଚିଠି ପ୍ରତ୍ୟାହାର ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

କଟକ: ବ୍ଲକ୍ ଗ୍ରାଣ୍ଟ୍ ପାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଓ ଛୁଟି ସମ୍ପର୍କିତ ୨୦୧୧ର ଚିଠି ପ୍ରତ୍ୟାହାର ନେଇ ୨୦୨୫ ଜାନୁଆରି ୭ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଦାନ କରିଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଜାନୁଆରି ୭ର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଏପରି ଚିଠିକୁ ବିରୋଧ କରି ନିଖିଳ ଓଡିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଉପସଭାପତି ଡକ୍ଟର ସୁବିଜ୍ଞ ଗଡ଼ତିଆ ଦାୟର କରିଥିବା ମାମଲାର ହାଇକୋର୍ଟ ଶୁଣାଣି କରି ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ମାମଲାରେ ସତ୍ୟପାଠ ଦାଖଲ କରିବାକୁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଜାନୁଆରି ୭ର





ଚିଠିର କାର୍ଯ୍ୟକାରିତା ଉପରେ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରିଛନ୍ତି। ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାର୍ଚ୍ଚ ଶେଷ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପରେ ସମସ୍ତ ବ୍ଲକ୍ ଗ୍ରାଣ୍ଟ୍ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଆଶ୍ୱସ୍ତି ମିଳିଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୧ ନଭେମ୍ବର ୨୩ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ମାଧ୍ୟମରେ ବ୍ଲକ ଗ୍ରାଣ୍ଟ ପାଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଓ ଛୁଟି ସମ୍ପର୍କିତ ଏକ ସ୍ପଷ୍ଟୀକରଣ ଜାରି କରାଯାଇଥିଲା। ଏହି ଚିଠିରେ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ କାର୍ଯ୍ୟରତ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଓଡ଼ିଶା ଶିକ୍ଷା ନିୟମ ୧୯୭୪ ଓ ଛୁଟି ୧୯୭୭ ନିୟମ ଅନୁସାରେ କାର୍ଯ୍ୟକାରୀ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ଚିଠିକୁ ଆଧାର କରି ପ୍ରତ୍ୟେକ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷମାନେ କର୍ମଚାରୀଙ୍କୁ ଛୁଟି ମଞ୍ଜୁର କରି ଆସୁଥିଲେ। ଚାକିରି ସର୍ତ୍ତାବଳୀ ସମ୍ପର୍କିତ ଶତାଧିକ ମାମଲା ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ୨୦୨୫ ଜାନୁଆରି ୭ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୧ ମସିହାର ଚିଠିକୁ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ରାଜ୍ୟର ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷଙ୍କୁ ଚିଠି ଜାରି କରାଯାଇଥିଲା। ଏପରି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କୁନାଲ କୁମାର ସ୍ୱାଇଁ ଓ କୌଶିକ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି। ସଂଘର ସଭାପତି ମାନସ ପୁରୋହିତ ଏକ ବିବୃତି ମାଧ୍ୟମରେ ଚାକିରି ସର୍ତ୍ତାବଳୀ ସମ୍ପର୍କିତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ନିୟମିତ ପର୍ଯ୍ୟାୟରେ ଆନ୍ଦୋଳନ ଓ ଅଦାଲତରେ ନ୍ୟାୟିକ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି।

## ତଲାକ୍ ପାଇଁ ତିନି ଥର ତଲାକ୍ ତଲାକ୍ କହିଦେଲେ ଯଥେଷ୍ଟ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ତିନ୍ ତଲାକ୍ ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ବୁଧବାର ସୁପ୍ରିମକୋର୍ଟରେ ଏ ସମ୍ପର୍କରେ ଜୋରଦାର ବିତର୍କ ହୋଇଥିଲା। ତିନ୍ ତଲାକ୍ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଆଇନକୁ ଚ୍ୟାଲେଞ୍ଜ କରାଯାଇଥିବା ଆବେଦନ ଉପରେ ଏହି ବିତର୍କ ହୋଇଥିଲା। ଏହି ବିତର୍କ ସମୟରେ ସୁପ୍ରିମକୋର୍ଟ ଏହି ଆଇନ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ବିବରଣୀ ମାଗିଛନ୍ତି। ଏହା ବ୍ୟତୀତ ତିନ୍‌ତଲାକ୍ ସମ୍ବନ୍ଧରେ ସାରା ଦେଶରେ କେତେ ଏଫଆଇଆର ଓ ଚାର୍ଜସିଟ୍ ଦାଖଲ କରାଯାଇଛି ତାହା ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ଏହି ଆବେଦନ ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ, କୌଣସି ଓକିଲ ତିନ୍ ତଲାକ୍ ପ୍ରଥାକୁ ସମର୍ଥନ କରିବା ଠିକ ନୁହେଁ। କିନ୍ତୁ ଆମ ସାମ୍ନାରେ ଏବେ ପ୍ରଶ୍ନ ଉଠୁଛି କି ଏହା ଅପରାଧୀକ ହୋଇପାରିବ କି ନାହିଁ ବିଶେଷକରି ଯେତେବେଳେ ଏହି ପ୍ରଥା ଉପରେ ନିଷେଧ ରହିଛି। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଗୋଟିଏ ଥରରେ ତିନିଥର ତଲାକ କହି କେହି କାହାଠାରୁ ତଲାକ ନେଇପାରିବେ ନାହିଁ। ବର୍ତ୍ତମାନ ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୭ ପରେ ହେବ। ତିନି ସପ୍ତାହ ମଧ୍ୟରେ ଏହାର ଲିଖିତ ଉତ୍ତର ଦାଖଲ କରିବାକୁ କୋର୍ଟ ଆବେଦନକାରୀଙ୍କୁ କହିଛନ୍ତି। ସୁପ୍ରିମକୋର୍ଟ ବର୍ତ୍ତମାନ ତିନ୍ ତଲାକ୍ ଉପରେ କେନ୍ଦ୍ର ସରକାରଙ୍କ ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି କରୁଛନ୍ତି। ବିଭିନ୍ନ ମୁସଲମାନ ସଂଗଠନ ଦ୍ୱାରା ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରାଯାଇଛି। କେନ୍ଦ୍ରସରକାର ସୁପ୍ରିମକୋର୍ଟରେ ଏହି ଆଇନକୁ ନେଇ ଉତ୍ତର ଦାଖଲ କରିଛନ୍ତି।



## ପାର୍ସଲ ବୋମା ମାମଲା

# ଶୁଣାଣି ଶେଷ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ : ବଲାଙ୍ଗୀରର ପାଟଣାଗଡ଼ ପାର୍ସଲ ବୋମା ମାମଲାର ଶୁଣାଣି ଶେଷ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଶୁଣାଣି ଶେଷ କରିବାକୁ ଟ୍ରାଏଲ



କୋର୍ଟଙ୍କୁ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଶୁଣାଣି ଶେଷ ପାଇଁ କହିଥିଲେ। ଆଉ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ୪ ସପ୍ତାହରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ପୁଞ୍ଜିଲାଲ ମେହର ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ। ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରେ ୨ ଜଣଙ୍କ ଜୀବନ ଯାଇଥିଲା। ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ସାହୁ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଥିଲେ। ବିବାହ ଉତ୍ସବର ୫ ଦିନ ପରେ ଉପହାର ପ୍ୟାକେଟ୍ ଜରିଆରେ ଏହି ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିବା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବଲାଙ୍ଗୀର, ପାଟଣାଗଡ, ରାୟପୁର ଅଞ୍ଚଳରେ ତଦନ୍ତ କରି ଭଇଁଷା କଲେଜ ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମାଷ୍ଟରମାଇଣ୍ଡ ଓ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲେ। ଭଇଁଷା କଲେଜରେ ମୃତ ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁ ଅଧକ୍ଷା ଭାବେ କାମ କରୁଥିଲେ। ସଂଯୁକ୍ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇ ପୁଞ୍ଜିଲାଲ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟାଇଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା।

ଏହି ଘଟଣାକୁ ନେଇ 'ପାଟଣାଗଡ଼' ଶୀର୍ଷକରେ ଏକ ଚଳଚ୍ଚିତ୍ର ନିର୍ମାଣ ହେଉଥିବା ଜଣାପଡିବା ପରେ ଏହାକୁ ସୌଦାମିନୀ ବିରୋଧ କରିଥିଲେ। ପୁଞ୍ଜିଲାଲଙ୍କୁ ନିର୍ଦ୍ଦୋଷ କହି ତାଙ୍କୁ ଫସାଇ ଦେଇଥିବା ଅଭିଯୋଗ କରିଥିଲେ। ଏହାପରେ 'ପାଟଣାଗଡ଼' ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ମାତା ଓ ନିର୍ଦ୍ଦେଶକ ଓ କଳାକାରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅରୁଣ ବୋଥ୍ରାଙ୍କ କାରଣରୁ ତାଙ୍କ ସ୍ୱାମୀ ପୁଞ୍ଜିଲାଲ ଓ ପରିବାରର ମାନହାନି ହୋଇଥିବା ଦର୍ଶାଇ ତାଙ୍କୁ ଲିଗାଲ ନୋଟିସ ପ୍ରଦାନ କରିଥିବା ଜଣାପଡିଛି। ସୌଦାମିନୀଙ୍କ ତରଫରୁ ସୁପ୍ରିମକୋର୍ଟ ଓକିଲ ସୌଫି ଶୁରଲୀନ କୌର ଜାଗୀ ଅରୁଣ ବୋଥ୍ରାଙ୍କୁ ଗତ ଜାନୁୟାରୀ ୫ ତାରିଖରେ ନୋଟିସ ପଠାଇଥିବା ଜଣାପଡିଛି।







CONTACT
6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News



Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର